# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ:୨, ସଂଖ୍ୟା: ୫୧, ଭୁବନେଶ୍ୱର, ନଭେମ୍ବର ୩- ନଭେମ୍ବର ୯, ୨୦୨୫, Vol: 2, Issue: 51, Bhubaneswar, November 3- November 9, 2025 Pages- 8



ପୃଷ୍ଠା ୨ ଗଣମାଧ୍ୟମର କାମ ସଚେତନତା ନା ଭୟଭୀତ କରିବା

ପୃଷ୍ଠା ୪ ସମ୍ପାଦକୀୟ : ଧୂଳିଗୁଣ୍ଡି ମିଠାପାନ


# ପେନସନ ରାଜନୀତି

**କୈଳାସ ଚନ୍ଦ୍ର ଶତପଥୀ**

ସାଂପ୍ରତିକ ସ୍ଥିତିରେ ଆମ ଦେଶରେ ରାଜନୀତିକ ଜୀବନ ସେବା ଏକ ଆହ୍ୱାନ। ଲୋକଙ୍କ ସେବା, ଜନ ସମସ୍ୟାର ସମାଧାନ ଓ ନୀତି ନିର୍ମାଣ - ଏହି ତିନିଟି ଉପାଦାନରେ ଗଢ଼ିଉଠେ ଏକ ସାଂସଦ କିମ୍ବା ବିଧାୟକଙ୍କ ଜୀବନ। କିନ୍ତୁ, ଅବଧି ଓ ଦାୟିତ୍ୱ ଶେଷ ହେଲାପରେ ତାଙ୍କ ଭବିଷ୍ୟତ ନିଶ୍ଚିତ କିପରି ହୁଏ ? ଏହି ପ୍ରଶ୍ନର ଉତ୍ତର ହେଉଛି - ପେନସନ ପ୍ରଣାଳୀ। ସାଂସଦ ଓ ବିଧାୟକମାନେ ଦେଶ ଓ ରାଜ୍ୟର ନୀତି ନିର୍ଦ୍ଧାରକ, ଜନତାଙ୍କ ଆଶା ଓ ଆବଶ୍ୟକତାର ସେତୁ। ଲୋକଙ୍କ ସମସ୍ୟା, ଉନ୍ନତି ଓ ସୁବିଧା ପାଇଁ ସେମାନଙ୍କ ସେବା ନିଶ୍ଚୟ ଅମୂଲ୍ୟ। ତେବେ ସେମାନଙ୍କ ସେବା ପରେ ମିଳୁଥିବା ପେନସନ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ଚାଲୁଥିବା ଆଲୋଚନା ଆଜି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ରୂପେ ଦେଖାଦେଇଛି। ସେବା ଯେତେବେଳେ ଜନସେବାର ମାଧ୍ୟମ ହୁଏ, ସେତେବେଳେ ପେନସନ ହେଉଛି ସେବାର ସମ୍ମାନ। କିନ୍ତୁ ଏହା କେବେ ମଧ୍ୟ ଅତି ସୁବିଧା ଅଥବା ବିଶେଷାଧିକାର ରୂପେ ଗ୍ରହଣ ହେବା ଉଚିତ ନୁହେଁ। ଜନତାଙ୍କ ରୋଜଗାର ଓ ପେନସନ ସୁବିଧା ସୀମିତ ଥିବା ସମୟରେ ଜନପ୍ରତିନିଧିଙ୍କ ପେନସନ ବ୍ୟବସ୍ଥାର ସମୀକ୍ଷା ଏକ ନ୍ୟାୟସଙ୍ଗତ ଆବଶ୍ୟକତା। ଭାରତରେ ପୂର୍ବତନ ସାଂସଦ (ଏମ୍.ପି) ଏବଂ ପୂର୍ବତନ ବିଧାୟକ (ଏମ୍.ଏଲ୍.ଏ) ମାନଙ୍କ ପେନସନ ପ୍ରଣାଳୀକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଓ ବିବାଦ ଚାଲିଆସୁଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଏହି ପେନସନ ବ୍ୟବସ୍ଥା ଆଲଗା ଭାବେ ଚାଲିଥାଏ। ସାଂସଦମାନଙ୍କ ପେନସନ Members of Parliament (Pension) Act, 1954 ଅନୁସାରେ ନିର୍ଦ୍ଧାରିତ ହୋଇଥାଏ, ଯେଉଁଠାରେ ବିଧାୟକମାନଙ୍କ ପେନସନ ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ନିଜସ୍ୱ ନିୟମ ଅନୁଯାୟୀ ହୋଇଥାଏ। ଯେକୌଣସି ସାଂସଦ ଯଦି ଅନ୍ତତଃ ପୂର୍ଣ୍ଣ ଏକ ଅବଧି (୫ ବର୍ଷ) ଲୋକସଭା କିମ୍ବା ରାଜ୍ୟସଭାରେ କାର୍ଯ୍ୟ କରିଛନ୍ତି, ସେ ପ୍ରାୟ ୨୫୦୦୦/- ଟଙ୍କା ପ୍ରତିମାସରେ ପେନସନ ପାଇବେ। ଏବେ ନୂଆ ଆଇନ ଅନୁସାରେ କାର୍ଯ୍ୟକାଳ ପୂର୍ଣ୍ଣ ଅବଧି ହେଉ କିମ୍ବା ନହେଉ ପେନସନ କିନ୍ତୁ ମିଳିବ।

**ଅନ୍ୟାନ୍ୟ ଅନୁଗତ ସୁବିଧା:**


ତେବେ ସାଂସଦମାନେ ପେନସନ ସହିତ ନିମ୍ନଲିଖିତ ସୁବିଧା ମଧ୍ୟ ପାଆନ୍ତି।

- ମାଗଣା ଚିକିତ୍ସା ସୁବିଧା
- ଭାରତ ମଧ୍ୟରେ ମାଗଣା ଯାତ୍ରା ସୁବିଧା
- କେତେକ ମାମଲାରେ ଅଧିକାରିକ ଯାନବାହନ

ଏହା ବ୍ୟତୀତ ଯଦି କୌଣସି ସାଂସଦଙ୍କ ମୃତ୍ୟୁ ହୋଇଯାଏ, ତାଙ୍କ ଜୀବନସଙ୍ଗୀ କିମ୍ବା ନିର୍ଭରଶୀଳ ପରିବାର ସଦସ୍ୟ ପେନସନର ୫୦% ରାଶିରେ ପରିବାର ପେନସନ ପାଇଥାନ୍ତି।

**ପୂର୍ବତନ ସାଂସଦ (Ex-MP) ମାନଙ୍କ ପେନସନ :**

ପୂର୍ବତନ ସାଂସଦମାନେ "Members of Parliament (Pension) Act, 1954" ଅନୁସାରେ ପେନସନ ପାଇବାର ଅଧିକାରୀ। ଯେକୌଣସି ବ୍ୟକ୍ତି ଯଦି ଏକ ସମ୍ପୂର୍ଣ୍ଣ ଅବଧି (ଅର୍ଥାତ୍ ୫ ବର୍ଷ) ପର୍ଯ୍ୟନ୍ତ ଲୋକସଭା କିମ୍ବା ରାଜ୍ୟସଭାରେ ସଦସ୍ୟ ଭାବେ କାର୍ଯ୍ୟ କରନ୍ତି, ସେ ପେନସନ୍ ପାଇବେ। ଅନ୍ତତଃ ଗୋଟିଏ ପୂର୍ଣ୍ଣ ଅବଧି (୫ ବର୍ଷ) ସାଂସଦ ଥିବା ଆବଶ୍ୟକ। ଯଦି କୌଣସି ସାଂସଦ ପୂର୍ଣ୍ଣ ଅବଧି ପୂର୍ବରୁ ବାହାରିଯାନ୍ତି, ସେମାନେ ସେବା ସମୟ ଅନୁପାତେ ହ୍ରାସିତ ପେନସନ ପାଇପାରନ୍ତି। ଏହି ପେନସନ ରାଶି ସରକାର ସ୍ଥିର କରିଥାନ୍ତି। ୨୦୨୧-୨୨ ଅନୁଯାୟୀ, ପୂର୍ବତନ



ଦ୍ୱିତୀୟ ଭାଗ

ସାଂସଦମାନେ ପ୍ରାୟ ୨୫୦୦୦/- ଟଙ୍କା ପ୍ରତି ମାସ ପେନସନ ପାଉଛନ୍ତି (ଯାହା ପରବର୍ତ୍ତୀ ସମୟରେ ସଂଶୋଧନ ହୋଇପାରେ)। ଏବେ ନୂଆ ଆଇନ ଅନୁସାରେ କାର୍ଯ୍ୟକାଳ ପୂର୍ଣ୍ଣ ଅବଧି ହେଉ କିମ୍ବା ଗୋଟିଏ ଦିନ ପେନସନ କିନ୍ତୁ ନିଧାର୍ଯ୍ୟ ମିଳିବ।

**ଅନ୍ୟାନ୍ୟ ଅତିରିକ୍ତ ସୁବିଧା:**

- ମାଗଣା ଚିକିତ୍ସା ସୁବିଧା
- ଭାରତ ମଧ୍ୟରେ ଯାତ୍ରା ଭତ୍ତା
- କେତେକ ମାମଲାରେ ଅଧିକାରିକ ଯାନବାହନ

ପୂର୍ବତନ ସାଂସଦଙ୍କ ମୃତ୍ୟୁ ହେଲେ, ସେମାନଙ୍କ ଜୀବନସଙ୍ଗୀ କିମ୍ବା ନିର୍ଦ୍ଧାରିତ ନିର୍ଭରଶୀଳ ବ୍ୟକ୍ତି ସାଧାରଣତଃ ସେହି ପେନସନର ୫୦% ପରିମାଣରେ ପରିବାର ପେନସନ ପାଆନ୍ତି।

**ପୂର୍ବତନ ବିଧାୟକ (Ex-MLA) ମାନଙ୍କ ପେନସନ:**

ବିଧାୟକଙ୍କ ପେନସନ୍ ବ୍ୟବସ୍ଥା ରାଜ୍ୟ ଅନୁଯାୟୀ ପାର୍ଥକ୍ୟ ରଖେ। ପ୍ରତ୍ୟେକ ରାଜ୍ୟର ନିଜସ୍ୱ ପେନସନ ନିୟମ ରହିଛି। ସେଥିପାଇଁ ପେନସନ ରାଶି ଓ ସୁବିଧା ଅଲଗା ହୋଇଥାଏ। ଏକ ନିର୍ଦ୍ଧାରିତ ଅବଧି ପର୍ଯ୍ୟନ୍ତ (ରାଜ୍ୟ ଅନୁଯାୟୀ) ବିଧାୟକ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତି ପେନସନ ପାଇବେ। ଏବେ ନୂତନ ନିୟମ ଅନୁସାରେ ଅବଧି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯେତେକି ସମୟ ବିଧାୟକ ହେଲେ ମଧ୍ୟ ପେନସନ ପ୍ରାପ୍ତି ହେବାରେ ଅସୁବିଧା ନାହିଁ। ବିଭିନ୍ନ ରାଜ୍ୟର ସ୍ଥିତି ଅନୁସାରେ ପେନସନ ରାଶି ୧୦,୦୦୦/- ରୁ ୫୦,୦୦୦/- ମଧ୍ୟରେ ପ୍ରତି ମାସ କିମ୍ବା ତାହାଠାରୁ ଅଧିକ ହୋଇପାରେ।

**ଉଦାହରଣ ସ୍ୱରୂପ :**

ମହାରାଷ୍ଟ୍ରରେ ପୂର୍ବତନ ବିଧାୟକ ପେନସନ ୨୦,୦୦୦/- ପ୍ରତି ମାସରେ ମିଳୁଥିବାବେଳେ ଉତ୍ତର ପ୍ରଦେଶରେ ଏହା ଅଧିକ ହୋଇଥାଏ। ପୂର୍ବତନ ବିଧାୟକଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାର (ପତ୍ନୀ, ପତି କିମ୍ବା ନିର୍ଭରଶୀଳ) ସେହି ପେନସନର ଅର୍ଦ୍ଧ ରାଶି ପାଇଥାନ୍ତି।

**ଅନ୍ୟାନ୍ୟ ଅତିରିକ୍ତ ସୁବିଧା:**

- ମାଗଣା ଚିକିତ୍ସା ସେବା
- ଯାତ୍ରା ଭତ୍ତା
- କେତେକ ରାଜ୍ୟରେ ସରକାରୀ ଆବାସ, ଯାନବାହନ ଓ ସୁରକ୍ଷା ସୁବିଧା ମିଳେ।

**ବିବାଦ ଓ ସଂଶୋଧନ :**

ପୂର୍ବତନ ସାଂସଦ ଓ ବିଧାୟକଙ୍କ ପେନସନ ପ୍ରଣାଳୀ ନେଇ ବହୁଥର ବିବାଦ ଉଠିଛି। ସାଧାରଣ ନାଗରିକଙ୍କ ପେନସନ ସହିତ ତୁଳନା କଲେ ଏହି ପ୍ରଣାଳୀ ଅଧିକ ଲାଭଜନକ ବୋଲି ଅନେକେ ଆକ୍ଷେପ କରିଛନ୍ତି। ସେହିପରି କେତେକ ରାଜ୍ୟ ନିଜେ ଅନେକ ସଂଶୋଧନ ଆଣିଛନ୍ତି। ଯେପରି କି ଅତି ସ୍ୱଳ୍ପ ସମୟ ସେବା କରିଥିବା ବିଧାୟକଙ୍କ ପେନସନ ହ୍ରାସ କରିବା ଏବଂ ପେନସନ ଉପରେ ସୀମା ଓ ସର୍ତ୍ତ ଲାଗୁ କରିବା। ସାଂସଦ ଓ ବିଧାୟକମାନେ ଦେଶ ଓ ରାଜ୍ୟ ସେବାରେ ଯେପରି ଅଭିନ୍ନ ଭୂମିକା ନେଇଥାନ୍ତି, ସେହିପରି ସେମାନଙ୍କ ଅଧିକାର ଓ ସୁବିଧା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କିନ୍ତୁ ସେମାନଙ୍କ ପେନସନ ପ୍ରଣାଳୀକୁ ସୁସ୍ଥ, ସ୍ୱଷ୍ଟ ଏବଂ ଲୋକମାନେ ସ୍ୱୀକାର କରିବା ଭଳି ଗଢ଼ି ତୋଳିବା ହିଁ ଏବେର ସମୟର ଆବଶ୍ୟକତା। ଏହି ପେନସନ ବ୍ୟବସ୍ଥାକୁ ଅନେକ ଲୋକ ଦେଖନ୍ତି, 'ସେବା ପରେ ସମ୍ମାନ' ଭାବେ। ଯେଉଁଠି ଆଉ ଅନେକେ ଏହାକୁ 'ଲୋକଧନର ଅତିରିକ୍ତ ଭାର' ଭାବେ ବିବେଚନା କରନ୍ତି।ଯେତେବେଳେ ଜନ ପ୍ରତିନିଧିଙ୍କ ସୁବିଧା ଓ ଜନତାଙ୍କ ଆକାଂକ୍ଷା ମଧ୍ୟରେ ସମତା ରହିଥାଏ, ସେତେବେଳେ ହିଁ ଲୋକତନ୍ତ୍ର ଶକ୍ତିଶାଳୀ ହୁଏ। ଦେଶରେ ଯେଉଁଠି ସାଧାରଣ ପେନସନ ଯୋଜନା ସୀମିତ ଓ ଜଟିଳ, ସେଠାରେ ଜନପ୍ରତିନିଧିଙ୍କ ଲାଗି ଅଧିକ ସୁବିଧା ନ୍ୟାୟସଂଗତ କି ? ଏହା ଏକ ସମାଜିକ ଚିନ୍ତାର ବିଷୟ।




# ପରିବା



କାର୍ତ୍ତିକ ଚନ୍ଦ୍ର ପଣ୍ଡା
ମୋବାଇଲ୍- ୭୯୭୮୪୨୦୪୯୩

ବିଭିନ୍ନ ଦଳରେ ବିଭକ୍ତ ହୋଇ ଘଞ୍ଚ ଜଙ୍ଗଲରେ ଶିକାର ଅନ୍ୱେଷଣରେ ବୁଲୁଥିବା ଆଦିମ ମଣିଷ ପ୍ରାକୃତିକ ଭାବେ ସୃଷ୍ଟି ଫଳ ଓ ପରିବାକୁ ଚିହ୍ନଟ କରିଥିଲା । ଇତର ଜୀବଜନ୍ତୁ ଏହାକୁ ଖାଉଥିବାର ଦେଖି ସେ କୌତୁହଳୀ ହୋଇଥିଲା ଓ ଏହାର ଉଜ୍ଜ୍ୱଳ ରଙ୍ଗ ଓ ମହକରେ ଆକୃଷ୍ଟ ହୋଇ ସେ ପ୍ରଥମେ ତାର ସ୍ୱାଦ ପରଖି ଥିଲା । ବିଷାକ୍ତ ଓ ଖାଦ୍ୟ ଅନୁପୋଯୋଗୀ ଫଳ ଓ ପରିବା ଉପରେ ନିଶ୍ଚିତ ହେଲା ପରେ ସେ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରିଥିଲା ।

ଏହାପରେ ମାଂସ ବଦଳରେ ଏହାକୁ ବିକଳ୍ପ ଖାଦ୍ୟ ଭାବେ ଗ୍ରହଣ କରିଥିଲା । କାରଣ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଖାଦ୍ୟାଭାବ ଓ ଦଳଗତ ଭାବେ ଶିକାର କରିବା କୌଶଳ ଏକ ଶ୍ରମସାଧ, ଜଟିଳ ପ୍ରକ୍ରିୟା ହୋଇଥିବାରୁ ସେ ପ୍ରାକୃତିକ ଭାବେ ଓ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଫଳ ଓ ପନିପରିବାକୁ ଖାଦ୍ୟ ରୂପେ ଗ୍ରହଣ କରିନେଇ ସ୍ଥାୟୀ ଭାବେ ବାସ ଆରମ୍ଭ କରିବାକୁ ଲାଗିଲା । ଏହାର ଆନୁମାନିକ ଘଟଣାକ୍ରମ ଖ୍ରୀଷ୍ଟପୂର୍ବ ୧୦୦୦୦ ରୁ ୭୦୦୦ ଭିତରେ ।

ସଂଗୃହୀତ ଫଳ ଓ ପରିବାକୁ ଖାଇ ସାରିଲା ପରେ ସେ ଚୋପା ସହିତ ମଞ୍ଜି ସବୁକୁ ଆଖପାଖରେ ଫିଙ୍ଗି ଦେଉଥିଲା, ଯେଉଁଠାରେ କି ମଞ୍ଜିରୁ ପ୍ରାକୃତିକ ଭାବେ ନୂଆ ଗଛ ଉଠୁଥିଲା । ଏହା ମଣିଷକୁ କୃଷି କାର୍ଯ୍ୟ ଶିଖିବା ପାଇଁ ଅନୁପ୍ରାଣିତ କଲା ଓ ପରବର୍ତ୍ତୀ ସମୟରେ ଏଥିରେ ଖାଦ୍ୟଶସ୍ୟକୁ ଯୋଡାଗଲା । ତାପରେ ସେ ଯାଯାବର ଜୀବନରୁ ମୁକ୍ତି ପାଇଲା ଓ ସ୍ଥାୟୀ ଭାବରେ ବସତି ସ୍ଥାପନ କରି କୃଷି କାର୍ଯ୍ୟକୁ ଅପଣାଇଲା । ଉଦ୍ଭିଦର ନାମକରଣ ଅନୁଯାୟୀ ପରିବାର ନାମକରଣ କରାଗଲା । ଭିନ୍ନଭିନ୍ନ ଗଛ ଓ ଲତାରୁ ଲବ୍ଧ ଫୁଲ, ଫଳ, ମୂଳ, କାଣ୍ଡ, ପତ୍ର ଏପରିକି ମଞ୍ଜିକୁ ମଧ୍ୟ ଖାଦ୍ୟ ରୂପେ ବ୍ୟବହାର କରାଗଲା ।



ପ୍ରକୃତିର ବରଦାନ କୁହାଯାଉଥିବା ପରିବାରେ, କୌଣସି ଫ୍ୟାଟ୍ କିମ୍ବା କୋଲେଷ୍ଟେରଲ ମାତ୍ରା ନଥାଏ । ଏଥିରେ ପଟାସିୟମ, ଫାଇବର, ସୋଡିୟମ, କାର୍ବୋହାଇଡ୍ରେଟ ପ୍ରୋଟିନ, ଭିଟାମିନ ଏ ଆଉ ସି ,ଓ ଫୋଲିକ ଏସିଡ ଆଦି ପୋଷକତତ୍ତ୍ୱ ଥାଏ । ଉତ୍ତମ ରକ୍ତ ସଞ୍ଚାଳନ, ସୁନିଦ୍ରା ଓ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିରେ ସବୁଜ ପନିପରିବା ବିଶେଷ ସହାୟକ ହୋଇଥାଏ । ପ୍ରତି ୧୦୦ ଗ୍ରାମ ପରିବାରେ ୬୫ କ୍ୟାଲୋରୀ ଥାଏ ।

ଚାଇନା ବିଶ୍ୱର ସର୍ବବୃହତ ପରିବା ଉତ୍ପାଦନକାରୀ ରାଷ୍ଟ୍ର । ପୁରୁଣା ଫ୍ରେଞ୍ଚ ଶବ୍ଦରୁ ଆସିଥିବା କ୍ଷ୍ଵବଶ୍ବବଶ୍ବକ୍ଷ୍ଟ ଶବ୍ଦ, ସର୍ବପ୍ରଥମେ, ପଞ୍ଚଦଶ ଶତାବ୍ଦୀ ପ୍ରାରମ୍ଭରେ ଇଂରାଜୀ ଶବ୍ଦକୋଷରେ ସ୍ଥାନ ପାଇଲା । ସପ୍ତଦଶ ଶତାବ୍ଦୀ ବେଳକୁ ପର୍ତ୍ତୁଗୀଜମାନେ ଭାରତକୁ ଆଳୁ ଆଣିଥିଲେ ବୋଲି ତଥ୍ୟ ରହିଛି । ତେବେ ସେମାନେ ଆଳୁକୁ ଚବଶ୍ବବଶ୍ବକ୍ଷ୍ଟ ନକହି ଇବଶ୍ବବଶ୍ବବ କହୁଥିଲେ । ଭୌଗଳିକ ସ୍ଥିତି, ଅନୁକୂଳ ଜଳବାୟୁ, ମୃତ୍ତିକାର ଉର୍ବରତା ଅନୁସାରେ ସମସ୍ତ ପରିବା ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତରେ ପ୍ରଥମେ ପରିବାକୁ ଠାବ କରାଯାଇଥିଲା । ପ୍ରଥମଥର ପାଇଁ ଚିହ୍ନଟ ହୋଇଥିବା ପରିବାର ନାମ ସହିତ ଦେଶ

## ଜଣାଅଜଣା

ଓ ଅଞ୍ଚଳର ନାମ,ବନ୍ଧୁମାନଙ୍କ ଅବଗତି ପାଇଁ ଜଣାଉଛି ।

ଆଳୁ, ବିନ , କନ୍ଦମୂଳ,ବିଲାତି ବାଇଗଣ, ପାଳୁଅ, କନ୍ଦମୂଳ ଅଙ୍ଗୁର, ସାଉଥ ଆମେରିକା, ମକା ଓ ଅମୃତ ଭଣ୍ଡା -ସେଣ୍ଟ୍ରାଲ ଆମେରିକା ଓ ମେକ୍ସିକୋ, କାକୁଡି- ଦକ୍ଷିଣ ଏସିଆ, କଖାରୁ- ମଧ୍ୟ ଆମେରିକା, ପିଆଜ ରସୁଣ- ଏସିଆ, କ୍ୟାପିସିକମ- ସମଗ୍ର ଉତ୍ତର ଓ ଦକ୍ଷିଣ ଆମେରିକା, ପୋଇ- ୟୁରୋପ, ବାଇଗଣ ଓ ଦେଶୀଆଳୁ (elephant foot patato)- ମୂଳାର ଉତ୍ପତ୍ତି-ଜାପାନ ।

ଦକ୍ଷିଣପୂର୍ବ ଏସିଆ କଦଳୀ- ସାଉଥ ଇଷ୍ଟ ଏସିଆ, ଫିଲିପାଇନସ ଓ ଦକ୍ଷିଣ ଏସିଆର ନିଉଗିନି ଅଂଚଳ, ବନ୍ଧାକୋବି - ୟୁରୋପ ଓ ଇଜିପ୍ଟ, ,ବିଟ ଓ ମୂଳା- ଏସିଆ, ଗାଜର- ପର୍ସିଆ, ବିନଛୁଇଁ- ଦକ୍ଷିଣ ଆମେରିକା, ରାଜମା- ମଧ୍ୟପ୍ରାଚ୍ୟ ଏସିଆ , ମଟର ଛୁଇଁ- ଭୂମଧ୍ୟସାଗର ଉପକୂଳବର୍ତ୍ତୀ ଅଞ୍ଚଳ ଓ ମଧ୍ୟପ୍ରାଚ୍ୟ । ଲଙ୍କା ମରିଚ ମୂଳ ଉତ୍ପତ୍ତି ସ୍ଥଳ ଉତ୍ତର ଆମେରିକା ସ୍ଥିତ ମେକ୍ସିକୋ । ପର୍ତ୍ତୁଗୀଜମାନେ ପ୍ରଥମେ ସପ୍ତଦଶ ଶତାବ୍ଦୀରେ ଲଙ୍କାମରିଚ ଆମ ଦେଶକୁ ଆଣିଥିଲେ । ତାପୂର୍ବରୁ ଏହାର ଏକମାତ୍ର ବିକଳ୍ପ ଭାବେ କେବଳ ଗୋଲମରିଚକୁ ବ୍ୟବହାର କରାଯାଉଥିଲା ।

ଆମ ମୂଳକରୁ ପ୍ରଥମେ ଠାବ କରାଯାଇଥିବା ପରିବା ଗୁଡିକ ହେଲା, ଲେମ୍ବୁ, କାକୁଡି, ଫୁଲକୋବି, ଲାଉ, ପାଣିକଖାରୁ, ସଜନାଛୁଇଁ ,ଭେଣ୍ଡି, ମେଥୀ, ସମସ୍ତ ମସଲା ଜାତୀୟ ଉଦ୍ଭିଦ, ସାରୁ, କାଙ୍କଡ ଓ ପୋଟଳ ଓ ଆହୁରି ଅନେକ । ତରକାରୀ ଓ ଖଟାରେ ବ୍ୟବହୃତ ହେଉଥିବା ଆମ୍ବ, ନଡ଼ିଆ ଓ ଓଉ ବି ଆମର ।

ଭୁବନେଶ୍ୱର

# ଗଣମାଧ୍ୟମର କାମ ସଚେତନତା ନା ଭୟଭୀତ କରିବା



ସଂଜୀବ ମହାପାତ୍ର

ପ୍ରାୟ ସବୁ ଖବରକାଗଜ ଏବଂ ସମସ୍ତ ଓଡ଼ିଆ ଟିଭି ଚ୍ୟାନେଲ ଗତ ସପ୍ତାହର ଶନିବାର ଅର୍ଥାତ୍ ୨୫ ଅକ୍ଟୋବର ଠାରୁ ଆରମ୍ଭ କରିଦେଇଥିଲେ ସାମୁଦ୍ରିକ ବାତ୍ୟା ମୋନ୍ଥାର ଆବିର୍ଭାବ ସଂକ୍ରାନ୍ତୀୟ ବିଷଦ ବିବରଣୀ। ଧିରେ ଧିରେ ୨୬ ତାରିଖ ତାରିଖ ଠାରୁ ବାତ୍ୟା ଯେତିକି ଯେତିକି ଘନୀଭୂତ ହେଉଥିଲା ତାହାଠାରୁ ଅଧିକ ପରିମାଣରେ ପ୍ରଚାର ଓ ପ୍ରସାରଣ ହେଉଥିଲା ଗଣମାଧ୍ୟମରେ। ଏହାର ସମ୍ଭାବ୍ୟ ଲ୍ୟାଣ୍ଡଫଲ୍ ସ୍ଥାନ, ବେଗ, ଗତିପଥ ଏବଂ ପରିଣତି ସବୁ କଥା ଅବିରତ ବର୍ଣ୍ଣନା ଚାଲୁଥିଲା। ସମସ୍ତ ଗଣମାଧ୍ୟମ, ଟିଭି ଚାନେଲ ଏବଂ ଖବରକାଗଜ ଏହାକୁ ଲାଗିପଡି ଏମିତି କଭରେଜ ଦେଲେ ଯେ ପ୍ରତୀୟମାନ ହେଉଥିଲା ସତେଯେମିତି ଏହା ଓଡିଶା ପାଇଁ ପ୍ରଥମ ତଥା ଶେଷ ବାତ୍ୟା। ୨୭ ତାରିଖଠାରୁ ସାଧାରଣ ଦର୍ଶକ ମାନଙ୍କୁ ପ୍ରାୟତଃ ବଶୀଭୂତ କରି ସାରିଥିଲେ ଟିଭି ଚାନେଲ ମାନଙ୍କରେ ପ୍ରାୟ ପ୍ରକଟ ହେଉଥିବା ପାଣିପାଗ ବିଶେଷଜ୍ଞମାନେ। କମ୍ପ୍ୟୁଟର ଗ୍ରାଫିକ୍ସ ଦ୍ୱାରା ପ୍ରସ୍ତୁତ ରଙ୍ଗ ବେରଙ୍ଗର ଜ୍ୟାମିତିକ ଆକୃତି ଓ ତୀର ଚିହ୍ନ ସବୁ ଆମକୁ ଅବଗତ କରାଉଥିଲେ; କଣ, କାହିଁକି, କେବେ ଓ କିପରି ହେବ ଏହି ବାତ୍ୟା ମୋନ୍ଥା। ଏକ ସମୟରେ ଏମିତି ଲାଗୁ ଥିଲା ଯେ ସତେ ଯେମିତି ସବୁ ଚ୍ୟାନେଲ ଓ ସମ୍ବାଦପତ୍ର ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି କିଏ କେତେ ଆକର୍ଷଣୀୟ ତଥା ନାଟକୀୟ ଢଙ୍ଗରେ ବାତ୍ୟା ବିବରଣୀ ଜନସାଧାରଣଙ୍କୁ ପରିବେଷଣ କରିପାରୁଛି। ସାଧାରଣ ଦର୍ଶକ ବା ପାଠକଟିଏ ଅବା କରିବ କଣ, କେଉଁ ଜିନିଷ କେତେ ମହତ୍ୱପୂର୍ଣ୍ଣ ଏବଂ ତାହାକୁ କେତେ ପବ୍ଲିସିଟି ଦିଆଯିବ ତା ନିର୍ଦ୍ଧାରିତ କରିବେ ପେଶାଦାର ସାମ୍ବାଦିକ ତଥା ଅଭିଜ୍ଞ ସମ୍ପାଦକମାନେ। ଯଦି ସେମାନଙ୍କର ତାଙ୍କ ପ୍ରଜ୍ଞା, ବିବେକ ଓ ବୁଦ୍ଧି ଓ ଅନୁଭବ ଖଟାଇ ଜାଣି ପାରୁନାହାନ୍ତି ଯେ ଲୋକେ ବାରମ୍ବାର ସେହି ଏକା କଥା ଶୁଣି ଶୁଣି କେତେ ଚିଟା ହୋଇଗଲେଣି। ତେବେ ଏହାକୁ ବିଡମ୍ବନା ଛଡ଼ା ଆଉ କଣ କହିବା। ଟିକିଏ ସୁକ୍ଷ୍ମ ଭାବେ ଦେଖିଲେ ଜାଣିପାରିବେ ଯେ, ଆମେ ଦର୍ଶକ ସମୁହ ଆଜିକାଲି ଏକପ୍ରକାର ଦ୍ରବ୍ୟ, ପ୍ରଡକ୍ଟ କିମ୍ବା କମୋଡିଟି (Commodity) ସହିତ ତୁଳନୀୟ। ଟିଭି ଚାନେଲ ମାନେ ଆମର ସମୟ, ଧ୍ୟାନ ଅର୍ଥାତ ନିମଗ୍ନତାକୁ ବ୍ୟବସାୟିକ ଧନ୍ଦାରେ ପରିଣତକରି ଇସ୍ତାହାର ଦେଉଥିବା କମ୍ପାନୀ ମାନଙ୍କୁ ବିକ୍ରି କରୁଛନ୍ତି। ଲୋକଙ୍କ ଭିତରେ ଥିବା ଭୟକୁ ଉଖାରିଲେ ସେମାନଙ୍କ ଧ୍ୟାନ ମାନକୁମନ ଆକର୍ଷିତ ହେବ। ବାତ୍ୟା ବିପର୍ଯ୍ୟୟ ଅନେକ କ୍ଷୟକ୍ଷତି ଘଟାଇ ଥାଏ। ବେଳ ହୁଁ ସାବଧାନ ହେଲେ ଏହାର ପ୍ରତିକୂଳ ପ୍ରଭାବକୁ ଅନେକ ମାତ୍ରାରେ ପ୍ରତିହତ କରିହେବ। ବର୍ତ୍ତମାନର ଟେକ୍ନୋଲୋଜି ବଳରେ ବାତ୍ୟାକୁ ଅନେକ ଦିନ ପୂର୍ବରୁ ପ୍ରେଡିକ୍ଟ କରିବା ସମ୍ଭବ ହେଉଛି। କିନ୍ତୁ ତାର ମାନେ ନୁହେଁ ଯେ ବାତ୍ୟା ଜନିତ ଖବରକୁ ଏକ ରୀତିମତ ସନ୍ତ୍ରାସ ଭାବେ ଚିତ୍ରଣ କରିବା ଓ ତାକୁ ଚାଞ୍ଚଲ୍ୟକର ବିଭୀଷିକାମୟ ଭାବେ ପ୍ରଚାର ପ୍ରସାର କରିବା। ଲୋକମାନଙ୍କୁ ସଚେତନ କରିବା ଓ ଭୟଭୀତ କରିବା ଭିତରେ ତଫାତ ରହିଛି। ଏହି ସନ୍ତୁଳନ ରଖିବାକୁ ଯେତିକି ବିବେକ ଓ ପରିପକ୍ୱତା ଲୋଡା ତାହା ଆମର ସାଂପ୍ରତିକ ଗଣମାଧ୍ୟମ ଦେଖାଇବେ ବୋଲି ଆଶା କରୁଛୁ।

**ମୋନ୍ଥା ବୃତ୍ତାନ୍ତ**

(ମତାମତ ଲେଖକଙ୍କ ନିଜସ୍ୱ)

*ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପ୍‌ଟେନ୍*
*ମୋବାଇଲ : ୯୮୧୦୫୪୫୦୦୨*

# ପାନ ପତ୍ରର ଉପକାରିତା

ପାନ ପତ୍ର ସାଧାରଣ ଲାଗୁଥିଲେ ମଧ୍ୟ ଏକ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରାକୃତିକ ଉପଚାର। ଏହା ପାଚନ, ଶ୍ୱାସକ୍ରିୟା, ମନୋଭାବରେ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ କରିଥାଏ । ଭାରତୀୟ ଆୟୁର୍ବେଦରେ, କିଛି ସରଳ ଉପାଦାନ ଏତେ ଲାଭଦାୟକ ଯେ ଏହା ବଡ଼ ବଡ଼ ଗମ୍ଭୀର ରୋଗକୁ ମଧ୍ୟ ଦୂର କରିପାରିଥାଏ।

**ପୂଜାରେ ବ୍ୟବହୃତ :** ଯେତେବେଳେ ଲୋକମାନେ ମିଠା ଖାଇବାକୁ ଚାହାନ୍ତି, ସେମାନେ ଏକ ସୁସ୍ଥ ବିକଳ୍ପ ଭାବରେ ପାନ ପତ୍ରକୁ ବାଛନ୍ତି। ଧାର୍ମିକ ସମାରୋହରେ ପାନ ପତ୍ର ବ୍ୟବହାର କରାଯାଇଥାଏ। ପାନ ପତ୍ର କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ଅଛି ଯାହା ଅନେକ ଶାରୀରିକ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ।

**ଦାନ୍ତ ହଳଦିଆ ପଡ଼ିବା କମ୍ କରେ :** ଦାନ୍ତ ବିନ୍ଧା, ମାଢ଼ିରୁ ରକ୍ତ ବାହାରିବା ଏବଂ ପାଇରିଆ ଭଳି ସମସ୍ୟା ପାଇଁ ପାନ ପତ୍ର ବହୁତ ଲାଭଦାୟକ। ପାନ ପତ୍ରରେ ଭିଟାମିନ୍ ସି ଥାଏ ଏବଂ ଏହାର ଏକ ଅନନ୍ୟ ସୁଗନ୍ଧ ଥାଏ। ସକାଳେ ଖାଲି ପେଟରେ ଗୋଟିଏ ପାନ ପତ୍ର ଚୋବାଇଲେ ମାଢ଼ି ମଜବୁତ ହୁଏ ଏବଂ ହଳଦିଆପଣ କମିଯାଏ। ପାନ ପତ୍ରରେ ଏକ ସ୍ୱତନ୍ତ୍ର ସୁଗନ୍ଧ ଥାଏ ଯାହା ପାଟିର ଦୁର୍ଗନ୍ଧ କମ କରିଥାଏ।

**ପାଚନ ପ୍ରଣାଳୀକୁ ମଜବୁତ କରେ :** ପେଟରେ ଭାରୀ ଅନୁଭବ କରୁଥିବା ଏବଂ ପାଚନ ସମସ୍ୟା ଅନୁଭବ କରୁଥିବା ଲୋକଙ୍କ ପାଇଁ ପାନ ପତ୍ର ଲାଭଦାୟକ। ପାନ ପତ୍ର ଖାଇବା ଦ୍ୱାରା ପାଚନ କ୍ରିୟା ମଜବୁତ ହୁଏ,ପାନ ପତ୍ର କେବଳ ଖାଦ୍ୟରେ ନୁହେଁ ବରଂ ମୁହଁରେ ଲଗାଇ ମଧ୍ୟ ବ୍ୟବହାର କରାଯାଇପାରିବ।

**ହୃଦରୋଗର ଆଶଙ୍କା ହ୍ରାସ କରେ :** ପାନ ପତ୍ର ହୃଦରୋଗର ଆଶଙ୍କା ମଧ୍ୟ କମାଇଥାଏ, କାରଣ ଏହା ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ, ଯାହା ଦ୍ୱାରା ହୃଦରୋଗ ସମ୍ବନ୍ଧୀୟ ରୋଗ ହ୍ରାସ ପାଇଥାଏ।

**କାଶରୁ ମୁକ୍ତି ଦିଏ :** ଯଦି ଆପଣ ଥଣ୍ଡାରେ ପୀଡିତ ଏବଂ ଆପଣଙ୍କ ଛାତିରେ କଫ ହେଉଛି, ତେବେ ପାନ ପତ୍ର ବ୍ୟବହାର କରାଯାଇପାରିବ। ରାତିରେ ଘିଅରେ ପାନ ପତ୍ର ଭିଜାଇ ଛାତିରେ ଲଗାଇବା ଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିଥାଏ।

ଏହି ଆୟୁର୍ବେଦିକ ଉପଚାର ପିଲାମାନଙ୍କ ପାଇଁ ବ୍ୟବହାର କରାଯାଇପାରିବ। ପାନ ପତ୍ର ମାନସିକ ଚାପ କମ କରିବାରେ ମଧ୍ୟ ସାହାଯ୍ୟ କରେ । ପାନ ପତ୍ର ଚୋବାଇଲେ ସ୍ନାୟୁତନ୍ତ୍ରକୁ ଆରାମ ମିଳିଥାଏ, ମନୋଭାବ ହାଲକା ହେବା ସହିତ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ।



# ବୋର୍ଡ ସ୍କୁଲ୍‌ରେ ଆରମ୍ଭ ହେଲା ପୁରୁଣା ପ୍ରଥା ଓ ପରମ୍ପରା

**କଟକ (ଭିଓଭି) :** ସେକେଣ୍ଡାରୀ ବୋର୍ଡ ହାଇ ସ୍କୁଲର ପୁରୁଣା ଦିନମାନଙ୍କରେ କୌଣସି ଦିନ ଶ୍ରେଣୀରେ ପୂର୍ଣ୍ଣ ଉପସ୍ଥାନ ହେଲେ ଶ୍ରେଣୀ ସମ୍ମୁଖରେ ମେରୁନ ବା ନାଲି ରଙ୍ଗର ପତକା ଉଡାଇବାର ଏକ ସୁନ୍ଦର ପରମ୍ପରା ଥିଲା । ସେହିପରି ସାତ ଦିନ ପୂର୍ଣ୍ଣ ଉପସ୍ଥାନ ହେଲେ ନୀଳ ପତାକା ଏବଂ ଏକମାସ ପୂର୍ଣ୍ଣ ଉପସ୍ଥାନ ହେଲେ ସବୁଜ ପତାକା ଉଡାଯାଉଥିଲା । କାଳକ୍ରମେ ସେ ସବୁ ପ୍ରଥା ଆଉ ଏବେ ଦେଖିବାକୁ ମିଳୁନଥିଲା । କିଛି ବର୍ଷ ହେଲା ପୂର୍ଣ୍ଣ ଉପସ୍ଥାନ ପାଇଁ ରଙ୍ଗୀନ ପତାକା ଉଡାଇବା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି । ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ହୀରକ ଜୟନ୍ତୀ ଉତ୍ସବ ପରିପ୍ରେକ୍ଷୀରେ ସେହି ପୁରୁଣା ଓ ସୁନ୍ଦର ପ୍ରଥା ସବୁକୁ ପୁଣି ଥରେ ଆରମ୍ଭ କରିବା ପାଇଁ ୧୯୮୬ ବ୍ୟାଚ୍‌ର ଛାତ୍ର-ଛାତ୍ରୀମାନେ ଉଦ୍ୟମ କରିଛନ୍ତି । ସ୍କୁଲ ପ୍ରଧାନ ଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ର ସଂସଦର ମିଳିତ ଉଦ୍ୟମରେ ଆଜି ପୁରୁଣା ପରମ୍ପରାକୁ ପୁଣିଥରେ ଆରମ୍ଭ କରଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୈତାରୀ ସାହୁ ପତାକା ଧରି ଆରମ୍ଭ କରିଥିଲେ । ଏହି ଅବସରରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ, ପୁରାତନ ଛାତ୍ର ସଂସଦ ସମ୍ପାଦକ ସୁବ୍ରତ ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ମୋତିପ୍ରକାଶ ରଥ, ୧୮୯୬ ବ୍ୟାଚ୍‌ର ଛାତ୍ର-ଛାତ୍ରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଜାନୁଆରୀ ମାସରୁ ଅନ୍ୟ ଏକ ବିଲୁପ୍ତ ପରମ୍ପରା ଆମ ଭାରତ ଯୋଜନାକୁ ଆରମ୍ଭ କରାଯିବ ବୋଲି ୧୯୮୬ ବ୍ୟାଚ୍ ତରଫରୁ ସ୍ଥିର କରାଯାଇଥିଲା ।

# କୁଢ଼ କୁଢ଼ ଅଳିଆ ଗଦାରେ ବଡ଼ବିଲ ସହର

**ବଡ଼ବିଲ (ଭିଓଭି) :** କେନ୍ଦୁଝର ଜିଲ୍ଲାର ବଡ଼ବିଲ ପୌରପାଳିକାକୁ ଜିଲ୍ଲାର ଏକ ପ୍ରତିଷ୍ଠିତ ପୌରପାଳିକା ଭାବରେ ବିବେଚନା କରାଯାଇଥାଏ । ଏଠାରେ ଏକାଧିକ ଖଣି ଓ ଶିଳ୍ପ ସଂସ୍ଥା ରହିଥିବା ବେଳେ ସେମାନେ ମଧ୍ୟ ସାମାଜିକ ଦାୟିତ୍ୱବୋଧ ଯୋଜନା ମାଧ୍ୟମରେ ନିଜ ଅନୁଦାନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥାନ୍ତି । ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ଅନୁଦାନରେ ବଡ଼ବିଲ ପୌରାଞ୍ଚଳରେ ଅନେକ ବୃହତ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହା ସତ୍ତ୍ୱେ ମଧ୍ୟ ବଡ଼ବିଲ ପୌରାଞ୍ଚଳରେ କିଛି ଦିନ ହେଲା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି । ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ନ୍ୟୁ - ମାର୍କେଟ ରେଲୱେ କ୍ରୋସିଂ, ଷ୍ଟେସନ ରୋଡ଼, ହରିହର ମନ୍ଦିର ଠାରୁ ଶାନ୍ତବାହାଳ ରାସ୍ତା ଆଦି ଅଞ୍ଚଳରେ ବିଭିନ୍ନ ସମୟରେ ଅଳିଆ ଆବର୍ଜନା ପଡି ରହୁଥିବା ଦେଖିବାକୁ ମିଳୁଛି । ସେହିପରି ଆଉ କେତେକ ଅଞ୍ଚଳରେ ପଡି ରହିଥିବା ଆବର୍ଜନାକୁ ବିଳମ୍ବରେ ଉଠା ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ବାତାବରଣକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି । ଏହାଦ୍ୱାରା ମଶା ମାଛିଙ୍କ ବଂଶ ବିସ୍ତାର ବୃଦ୍ଧି ପାଉଥିବା ବେଳେ ଡେଙ୍ଗୁ, ମ୍ୟାଲେରିଆ ଆଦି ବ୍ୟାପିବାର



ଆଶଙ୍କା ସୃଷ୍ଟି ହୋଇଛି । ଏଠାରେ ପ୍ରକାଶ ଯେ ଲକ୍ଷ୍ମଣ ମହାନ୍ତ ବଡ଼ବିଲ ପୌରାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ବଡ଼ବିଲ ସହରର ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥିଲେ । ନିଜେ ଉପସ୍ଥିତ ରହି ସଫେଇ କାର୍ଯ୍ୟର ତଦାରଖ କରିଥିଲେ । ତେବେ ଜଣେ ପୌରାଧ୍ୟକ୍ଷ ଭାବେ ତାଙ୍କର ଆହୁରି ମଧ୍ୟ ଅନେକ ଦାୟିତ୍ୱ ରହିଥିବା ବେଳେ ସବୁବେଳେ ସଫେଇ କାର୍ଯ୍ୟର ତଦାରଖ କରିବା ସମ୍ଭବ ନୁହେଁ । ଆଜି ମଧ୍ୟ କୌଣସି ୱାର୍ଡରୁ ଅଭିଯୋଗ ଆସିଲେ ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଓ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସେଠାକୁ ଯାଇ ସମସ୍ୟାର ସମାଧାନ କରୁଥିବା ଦେଖିବାକୁ ମିଳୁଛି । ତେବେ ବଡ଼ବିଲ ପୌରାଞ୍ଚଳର ପରିମଳ ଦାୟିତ୍ୱ ଏକ ଘରୋଇ ଠିକା ସଂସ୍ଥାକୁ ଦିଆଯାଇଛି । ମାତ୍ର ସମ୍ପୃକ୍ତ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଓ ବିଭାଗୀୟ ପୌର କର୍ମଚାରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ପରିମଳ ବ୍ୟବସ୍ଥା ସୁଧୁରି ପାରୁ ନଥିବା ଅଭିଯୋଗ ହେଉଛି । ଏଣୁ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଶଙ୍କର ପରିଡ଼ାଙ୍କ ବିୟୋଗରେ ସମସ୍ତେ ସ୍ତବ୍ଧ

**ପୁରୀ (ଭିଓଭି) :** ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡାଙ୍କ ୬୬ ବର୍ଷ ବୟସରେ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଶୋକ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ବିଶିଷ୍ଟ ବ୍ୟକ୍ତିବିଶେଷ ପ୍ରକାଶ କରୁଛନ୍ତି । ସେ ସାମାଜିକ ଗଣମାଧରେ ଅଧିକ ସମୟ ସକ୍ରିୟ ରହୁଥିଲେ । ଚିନ୍ମୟ କବିରୁ ଗାଁ କଲେଜରେ ଅଧାପକ ବୃତ୍ତି ଆରମ୍ଭ କରି ପରେ ରାଜନୀତିରେ ପ୍ରବେଶ କରିଥିଲେ । ପ୍ରଥମେ ସମିତି ସଭ୍ୟ ଭାବେ ପୁରୀ ସଦର ବ୍ଲକର ଚେୟାରମ୍ୟାନ ହୋଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଅଧ୍ୟକ୍ଷ ପଦବୀ ଅଳଙ୍କୃତ କରିଥିଲେ । ଓଡ଼ିଶା ରାଜ୍ୟ ପଂଚାୟତ ପରିଷଦର ସଭାପତି ଭାବେ ଜାତୀୟ ସ୍ତରରେ ବେଶ୍ ପରିଚିତ ହୋଇପାରିଥିଲେ । ରାଜ୍ୟ କତାଶିଳ୍ପ ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ସାହିତ୍ୟ, କବିତା ଓ ଓଡିଆ ଭାଷାର ସୁରକ୍ଷା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ । ସାମାଜିକ ଗଣମାଧ୍ୟମ ଜରିଆରେ ଅନେକ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ମାୟାମଂଚ



କବିତାରେ ଅନେକ କବିତ୍ୱର ଦକ୍ଷତା ପ୍ରତିପାଦନ କରିଥିଲେ । କିଛି ମାସ ଧରି ଫୁସଫୁସ କର୍କଟ ରୋଗରେ ପୀଡିତ ହୋଇ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଓଡ଼ିଶା ଫେରିଥିଲେ । ପୁଣି ଅସୁସ୍ଥ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ସେଠାରେ ଉପଯୁକ୍ତ ଚିକିତ୍ସା ନହେବାରୁ ଦୁଇଦିନ ତଳେ ଏମ୍ସ ହସ୍ପିଟାଲରେ ଆଡମିସନ ହୋଇଥିଲେ । ପୁରୀ ଜିଲ୍ଲାର ସାହିତ୍ୟ, ସଂସ୍କୃତି ପରମ୍ପରା ଓ ଐତିହ୍ୟର ସଂରକ୍ଷଣ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ ।

ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଡକ୍ଟର ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଂଟିଆ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୁରୀ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ପୁରୀ ବିଧାୟକ ସୁନିଲ ମହାନ୍ତି, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଓ ବିଭିନ୍ନ ଦଳର ରାଜନେତାମାନେ ଶୋକ ପ୍ରକାଶ କରିଛନ୍ତି ।

ତାଙ୍କ ମରଶରୀର ଏମ୍ସ ହସପିଟାଲରୁ ଭୁବନେଶ୍ୱର ବାସଭବନକୁ ନିଆଯାଇଥିଲା । ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଦଳୀୟ ନେତା କର୍ମୀ ଓ ସମର୍ଥକମାନେ ଶେଷ ଦର୍ଶନ କରିଥିଲେ । ଭୁବନେଶ୍ୱରରୁ ମରଶରୀର ତାଙ୍କ ନିଜସ୍ୱ ଜନ୍ମ ମାଟି ପୈତୃକ ଗାଁ ବାଲିପୁଟ ଓ ସେଠାରୁ ପୁରୀ ସହର ସର୍ବୋଦୟ ନଗରରେ ଥିବା ନିଜସ୍ୱ ବାସଭବନ ଇନ୍ଦ୍ରପ୍ରସ୍ଥରୁ ସ୍ୱର୍ଗଦ୍ୱାର ଶୋଭାଯାତ୍ରାରେ ନିଆଯାଇଥିଲା । ସେଠାରେ ଆତ୍ମୀୟସ୍ୱଜନ, ବନ୍ଧୁ ବାନ୍ଧବ, ରାଜନେତା, ସମର୍ଥକ, ସହଯୋଗୀ ଅରୁଣ କୁମାର ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବଡ ଝିଅ ଶକ୍ତି ସମ୍ପର୍ଣ୍ଣା ମୁଖାଗ୍ନି ଦେଇଥିଲେ । ତାଙ୍କ ସାନ ଝିଅ ଶକ୍ତି ସ୍ୱରପା ଓ ଧର୍ମପତ୍ନୀ ଶୁଭ୍ରା ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସମୂହର ସତରଞ୍ଜ ପ୍ରତିଯୋଗିତା ଅନୁଷ୍ଠିତ




**ଖୋର୍ଦ୍ଧା (ଭିଓଭି) :** ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ବିଜେବି ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅତିଥିମାନେ ଜଗନ୍ନାଥଙ୍କୁ ପ୍ରଦୀପ ପ୍ରଜୋଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉଦଘାଟନ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜ୍ୟୋତି ପ୍ରସାଦ ପରିଡା ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା), ମାଧ୍ୟମିକ ଶିକ୍ଷା, ଓଡ଼ିଶା ବିବରଣୀ ପଠନ କରି କହିଲେ ଯେ ଚଳିତଥର ସତରଞ୍ଜ ରେ ୨୫୩ ଜଣ କ୍ରୀଡ଼ାବିତ୍, ପ୍ରତି ଜିଲ୍ଲାରୁ ମ୍ୟାନେଜର ଓ କୋଚ୍, ରାଜ୍ୟ ଅଫିସିଆଲ୍ ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଭାଗନେଇଥିବା ପିଲାମାନେ ଏହିଠାରୁ ଯେଉଁମାନେ ବିବେଚିତ ହେବେ । ଆଗାମୀ ଦିନରେ ୫ ଜଣ ବାଳକ ଓ ୫ ଜଣ ବାଳିକା ତ୍ରିପୁରା, ଅଗରତାଲାଠାରେ ଓଡ଼ିଶାର ବିଜୟ ଧ୍ୱଜା ଉଡେଇବେ ବୋଲି ଆହ୍ୱାନ ଦେଇଥିଲେ । ପରେ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସଭାପତି ସୋନାମିକା ରାୟ ପିଲାମାନଙ୍କର ପ୍ରତିଯୋଗିତା ଦେଖି ଅଭିଭୁତ ଓ ଖୁସି ହୋଇ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା ପିଲାମାନଙ୍କୁ କହିଥିଲେ ଯେ ଏନ୍‌ଇପି-୨୦୨୦ କରିକୁଲମରେ କ୍ରୀଡ଼ାକୁ ପ୍ରାଧାନ୍ୟ ଦିଆଯାଉଛି ଯେଉଁଥିରେ ପିଲାମାନେ କିପରି ଜୀବନ କୌଶଳ, କ୍ରୀଡ଼ା ସଂସ୍କୃତିର ଉନ୍ନତି ଓ ଜୀବନ ଥିବା ଯାଏ ସୁସ୍ଥତା - ଶାରୀରିକ ଓ ମାନସିକ ଭାବେ ସନ୍ତୁଳିତ କରି ଜିଇଁ ପାରିବା ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଓ ବିଜୟ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ମୁଦି, ନୟାଗଡ଼ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ୍ ଦାସ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନି ସାହୁ, ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ , ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପ୍ରଭୁତି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ମଞ୍ଚ ପରିଚାଳନା କରିଥିଲେ ରେବତୀ ପଣ୍ଡା ଓ ନିରଞ୍ଜନ ଶତପଥୀ । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ବହୁତ ମାତ୍ରାରେ ସହଯୋଗ କରିଥିଲେ ।



# ସ୍ମାର୍ଟ ମିଟରକୁ ନେଇ ତୀବ୍ର ବିରୋଧ

**ଢେଙ୍କାନାଳ (ଭିଓଭି) :** ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଟିପିସିଓଡିଏଲ୍‌ର ମନମୁଖୀ କାର୍ଯ୍ୟ ଯଥା ଜିଲ୍ଲାର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରିବା, ବିନା କାରଣରେ ପୂର୍ବରୁ ଲଗାଯାଇଥିବା ମିଟର୍ ଗୁଡିକୁ ଡିଫେକ୍ଟିଭ୍ ଦେଖାଇବା ଏବଂ ଏଥିପାଇଁ ମୋଟା ଅଙ୍କର ଜୋରିମାନା ଲାଗୁ କରିବା, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ କରିବା ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରିବା, ସାଧାରଣ ଲୋକଙ୍କୁ ଭୟଭୀତ କରାଇ ଜବରଦସ୍ତ ସେମାନଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଏବଂ ଠିକ୍ ଭାବରେ ସର୍ଭିସ୍ ପ୍ରୋଭାଇଡ୍ ନକରିବା ବିରୋଧରେ ବାରମ୍ବାର ଜିଲ୍ଲାବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ତରଫରୁ ଏହି ଜରୁରୀ ବୈଠକ କରାଯାଇଥିଲା । ଟିପିସିଓଡିଏଲ୍‌କୁ କୌଣସି ମତେ ଏହି ମନମୁଖୀ ତଥା ଜନ ବିରୋଧି କାର୍ଯ୍ୟ କରାଇ ନଦେବାକୁ ବୈଠକରେ ମତ ପ୍ରକାଶ ପାଇଛି । ଜିଲ୍ଲାର କୌଣସି ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍ କୌଣସି ପ୍ରକାରର ହଇରାଣ ହରକତ କରିବାକୁ ଚେଷ୍ଟା କଲେ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ଏହାର ତୀବ୍ର ବିରୋଧ କରିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ନିଜ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ସର୍ଭିସ୍‌କୁ ସ୍ମାର୍ଟ ପାଇଁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଚେତାବନୀ ପ୍ରଦାନ କରାଯାଇଥିଲା । ଜିଲ୍ଲା ଓକିଲ ସଂଘ ସଦାସର୍ବଦା ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଲଢି ଆସିଛି ଏବଂ ଏଥର ମଧ୍ୟ ଜିଲ୍ଲାବାସୀଙ୍କ ସହିତ ଓକିଲ ସଂଘ ସର୍ବଦା ଛିଡାହୋଇ ରହିବ ଏବଂ ଜିଲ୍ଲାବାସୀଙ୍କ ପ୍ରତି କୌଣସି ପ୍ରକାରର ଅନ୍ୟାୟକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ଜଣାଯାଇଛି । ଟିପିସିଓଡିଏଲ୍‌ର ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓକିଲ ସଂଘକୁ ଡକାଯାଇ ସେମାନଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ନିଷ୍ପତି ହୋଇଛି ।

## ସଂ ପା ଦ କୀ ୟ

# ଧୂଳିଗୁଣ୍ଡି ମିଠାପାନ

କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜରୁ ୫କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ଘଟଣା ଏକରକମ ସରକାର ଓ ପୁଲିସ ବାହିନୀର ନିଦ ହଜାଇ ଦେଇଛି। ରିପୋର୍ଟ ଅନୁସାରେ ନୟାଗଡ ଜିଲ୍ଲା ଗଞ୍ଜେଇ ବେପାରରେ ଏକ ନମ୍ବର ସ୍ଥାନରେ ଥିବା ବେଳେ ବ୍ରାଉନ୍-ସୁଗାର୍ ବେପାର ଓ ଚାଲାଣରେ ଶୀର୍ଷ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲା ରହିଛି। ଏହି ଭୟଙ୍କର ଖବର ନିମନ୍ତେ ରାଜ୍ୟରେ ସମସ୍ତେ ଆଜି ଚିନ୍ତିତ। ଗଞ୍ଜେଇ,ମଦ ଓ ବ୍ରାଉନ୍-ସୁଗାର୍ ର ଚୋରା ଚାଲାଣ, ବ୍ୟବହାର କରି ସମାଜର କ୍ଷତି କରୁଥିବା ଲୋକଙ୍କୁ ପୋଲିସ ଓ ପ୍ରଶାସନ ସଜାଗ ରହି ସେମାନଙ୍କୁ ଧରି କଠୋର ଦଣ୍ଡ ଦେଇ ପାରନ୍ତି ସତ କିନ୍ତୁ ସରକାର ଓ ପୋଲିସ କେବେ ମଧ ଘରକୁ ଘର ଯାଇ ଜଗି ଦେଖି ତନଖି କରିପାରିବ ନାହିଁ। ନିଜେ ସମସ୍ତେ ଯଦି ସଚେତନ ହେବା ତେବେ ଯାଇ ଏହି ଭୟଙ୍କର ନିଶା ନାମକ ବ୍ୟାଧି କବଳରୁ ଯୁବ ସମାଜ ରକ୍ଷା ପାଇପାରିବ। ଅନ୍ୟଥା ସବୁ ଯୋଜନା ପଣ୍ଡ ହେବଟା ଥୟ। ଆଜି ନବେ ଦଶକ ଅର୍ଥାତ୍ ମୋର କଲେଜ ଓ ତା ପରବର୍ତ୍ତୀ ଜୀବନର ଏକ ଅନୁଭୂତି ମନେ ପଡିଯାଉଛି। ନବେ ମସିହା ରେ ସ୍ନାତକ ପଢୁଥିବା ସମୟରେ ମୋ ସାମ୍ନାରେ କିଛି ସାଙ୍ଗ ଓ ବଡ ଭାଇମାନେ ଯେତେବେଳେ ଡିଲକ୍ସ ଜର୍ଦ୍ଦା ବାସ୍ନା କଡା ପାନ ଚୋବାଇ ଖାଉଥାନ୍ତି, ତାର ସୁବାସିତ ବାସ୍ନା ମୋତେ ପାନ ଖାଇବା ପାଇଁ ଆକର୍ଷିତ କରୁଥିଲା। କିନ୍ତୁ କଡା ପାନ ଖାଇଲେ ଘରେ ଗାଳି ଖାଇବାକୁ ପଡ଼ିବା ଭୟରେ ମନର କଥା ମନ ଭିତରେ ଚୁପ୍ ରଖିଥିଲି। ସ୍ନାତକ ଡିଗ୍ରୀ ସରିଯିବା ପରେ ଗାଆଁରେ ଥିବା ସମୟରେ ଟିକି ଭାଇନା ସହ ବହୁତ୍ ସମୟ ମିଳାମିଶା କରୁଥିବାରୁ ସେ ନିୟମିତ ଖାଉଥିବା ଏକ ନିର୍ଦ୍ଧିଷ୍ଟ ଜର୍ଦ୍ଦାର କଡା ପାନ ବିଷୟ ରେ ଜାଣିଲି। ତଥାକଥିତ ଡିଲକ୍ସ ଜର୍ଦ୍ଦା ପାନ ଠାରୁ ତାହା ଆହୁରି ସୁବାସିତ ବାସ୍ନା ଭଳି ମୋତେ ମନେହେଲା। ବାସ୍ନା ପାନ ଖାଇବାର ପୁରୁଣା ଓ ଅଧୁରା ଇଚ୍ଛା ମୋର ପୁଣି ଉଦ୍ଜୀବିତ ହେଇଥିଲା। ମୋର ଇଚ୍ଛା ବିଷୟରେ ଟିକି ଭାଇନାଙ୍କୁ ଜଣାଇଲି। ସେ ହସି ଦେଇ କହିଲେ ତୁ ତ କେବେ ସାଦା ମିଠା ପାନ ଖଣ୍ଡେ ବି ଖାଇନୁ, ଏ କଡା ପାନ କୁଆଡେ ଖାଇପାରିବୁ ? ହଉ ଯଦି ଖାଇବାକୁ ଚାହୁଁଛୁ ପ୍ରଥମେ ଅଳ୍ପ ଚୂନ ଦେଇ ଅଖରିଆ (ବିନା ଖଇର), ହିରାମୋତୀ (ଏକ ପ୍ରକାର ଝିମଝିମିଆ ମିଠା ଗୁଣ୍ଡ) ପକାଇ ସାଦା ମିଠା ପାନ ଖଣ୍ଡେ କି ଦୁଇଖଣ୍ଡ ଲେଖାଏଁ ଆଗ ଗୋଟେ ସପ୍ତାହ ଖାଆ। ଟିକି ଭାଇନାଙ୍କ ପରାମର୍ଶ ଅନୁସାରେ ସେହି ଭଳି ସାଧା ପାନ ଖିଆ ଚାଲିଲା। ନୂଆ କରି ଖାଇବା ଓ ଚୂନ ଲଗା ପାନ ଯୋଗୁ ପାଟି ଭିତର କେମିତି ଅବାଗିଆ ଲାଗୁଥାଏ। କିଛି ପାନୁଆ ସାଙ୍ଗ ତାକୁ ଚୂନ ଲାଗିଗଲା ବା ଖାଇଗଲା ବୋଲି କୁହାଯାଏ ବୋଲି କହିଲେ।



ଗୋଟିଏ ସପ୍ତାହ ଏହି ଅଭ୍ୟାସ ପରେ ଟିକି ଭାଇନା କହିଲେ ଏବେ ତୁ କଡା ପାନ ଅଭ୍ୟାସ କରି ପାରିବୁ, କିନ୍ତୁ ଜର୍ଦ୍ଦା ନୁହେଁ ଧୂଳି ଗୁଣ୍ଡି ମିଠା ଖାଇବୁ। ସାଙ୍ଗ ହୋଇ ତାଙ୍କ ଅବନ୍ତି ଗାଡ଼ିରେ ଆମ ଗାଁ ଠାରୁ କିଛି ଦୂର କୋଇଲମା ଛକର ଭାଇଗ ଭାଇ ଦୋକାନରୁ ସେ ମୋ ପାଇଁ ଧୂଳିଗୁଣ୍ଡି ଦିଆ ମିଠା ପାନ ଖଣ୍ଡିଏ ପାଇଁ ବରାଦ କରିଦେଲେ। ପାନ ଖଣ୍ଡିକ ମୁଁ ସାଦା ମିଠା ପାନ ଖାଇବା ଭଳି ଚୋବାଇ ଚୋବାଇ ଖାଇବା ଆରମ୍ଭ କରିବାର ଠିକ୍ ଦୁଇ ମିନିଟ୍ ପରେ ମୋ ମୁଣ୍ଡକୁ ଝାଇଁ କିନା ଟିକେ ଲାଗିଲା ଓ ମୁଣ୍ଡ ବୁଲାଇ ହୋଇଗଲା। ମୁଁ ତୁରନ୍ତ ସେ ପାନ ଦୋକାନ ସାମ୍ନା ବେଞ୍ଚ'ରେ ବସି ପଡ଼ିଥିଲି। ଭାଇଗ ଭାଇ ପାଣି ଡାଲେ ଆଣି ମୁହଁ ଧୋଇ ପାଟି କୁଳି କରିଦେବାକୁ କହିଲା। କିଛି ସମୟ ପରେ ମତେ ଟିକେ ଭଲ ଲାଗିବାରୁ ଟିକି ଭାଇନା ବିରକ୍ତରେ ତାଗିଦ୍ କଲେ ଯେ କଡା ପାନକୁ ସେମିତି କଣ ସାଙ୍ଗେ ସାଙ୍ଗେ ଚୋବାଇ ଦିଆଯାଏ। ପାନଟିକୁ ପ୍ରଥମେ କଲରେ ଯାକି ଧୀରେ ଧୀରେ ଟିକେ ସମୟ ଦେଇ ତାକୁ ଅଳ୍ପ ଚୋବାଇବା କଥା। ବାସ୍ନା କଡା ପାନ ଖାଇବାର ଝୁଙ୍କ୍ ତ ମନ ଭିତରେ ଚାଲିଥାଏ। ତେଣୁ ତା ପର ଦିନ ସକାଳେ ଟାଇପ୍ ଓ ସର୍ଟହାଣ୍ଡ କ୍ଲାସ ସାରି ସାଇକେଲରେ ରଣପୁରରୁ ଫେରିବା ସମୟରେ ହାଟସାହି ଛକରୁ ଅଳ୍ପ ଚୂନ ଦିଆ ଧୂଳି ଗୁଣ୍ଡି ମିଠା ପାନ ଖଣ୍ଡିଏ ଦୋକାନରୁ ଆଣି କଲରେ ଯାକି ସାଇକେଲ ଛୁଟାଇଥିଲି ଗାଆଁକୁ। ମନ ଭାରି ଖୁସି ଯେ ଆଜି କଡା ପାନ ଖାଇବାର ଅଭ୍ୟାସ ହୋଇଯିବ। ରଣପୁର'ରୁ କୋଇଲମା ଛକ ପାଖାପାଖି ପ୍ରାୟ ପାଞ୍ଚ କିଲୋମିଟର। କିଛି ବାଟ ଆସିବା ପରେ ଲୋଧାଚୁଆ ଛକ ଦହିଖାଇ ମନ୍ଦିର ପାଖରୁ ମୁଣ୍ଡ ଟିକିଏ ଅସ୍ୱାଭାବିକ ଲାଗିଲା। ମୁଁ ସାଇକେଲର ବେଗ ଟିକିଏ ବଢାଇ କେମିତି ଆସି କୋଇଲମା ଛକ ଭାଇଗ ଭାଇ ପାନ ଦୋକାନ ବେଞ୍ଚରେ ଉପରେ ବସି ପଡ଼ିଛି ନିଜେ ବି ଜାଣି ପାରିନଥିଲି। ମୋର ଅବସ୍ଥାକୁ ଦେଖି ପୂର୍ବ ଦିନ ଭଳି ଭାଇଗ ଭାଇ ପାଣି ଡାଲେ ଦେଇ ମୁହଁ ଧୋଇ ପାଟି କୁଳି କରି ଦେବାକୁ କହିଲେ। କିଛି ସମୟ ବିଶ୍ରାମ ପରେ ବାନ୍ତି ଟିକିଏ ବି ମୋର ହୋଇଥିଲା। ସେଦିନ ଭାଇଗ ଭାଇ କହିଥିଲେ ତୋ ଦ୍ୱାରା ଏ କଡା ପାନ ଖାଇବା ହେବନି। ଆଉ ସେ ଅଭ୍ୟାସ ପାଇଁ ଚେଷ୍ଟା କରେନା। ଗାଆଁରେ ସବୁ ଶୁଣିଲା ପରେ ଟିକି ଭାଇନା ମଧ୍ୟ ସମାନ କଥା କହିଲେ। ସେଇ ଦିନ ଠାରୁ ମୋର ମିଠା ଦିଆ ବାସ୍ନା ଜର୍ଦ୍ଦା ପାନ ଓ ଧୂଳିଗୁଣ୍ଡି ଖାଇବା ସ୍ୱପ୍ନ ସମ୍ପୂର୍ଣ୍ଣ ମରିଯାଇଥିଲା। ଆଉ କେବେ ମଧ ମୁଁ କଡା କଣ ସାଦା ପାନ ଖଣ୍ଡେ ବି ଖାଇଲି ନାହିଁ। ମୁଁ ମନେମନେ ଭାବେ ମୋର ଯଦି ଏମିତି ଅବସ୍ଥା ହେଲା ଖାଉଥିବା ଲୋକର ନିଶ୍ଚୟ ସେମିତି କିଛି ହେଉଥିବ, ତେବେ ଲୋକେ ଏତେ ଖୁସିରେ ଖାଉଛନ୍ତି କେମିତି ? କଡା ଜର୍ଦ୍ଦାର ପ୍ରଭାବ ପାଇଁ ମୋର ଯଦି ମୁଣ୍ଡ ବୁଲାଇ ବାନ୍ତି ହେଲା ତେବେ ଏଥିରେ ଯେଉଁମାନେ ଅଭ୍ୟସ୍ତ ହୋଇଗଲେଣି ତାଙ୍କ ଶରୀର ଉପରେ ସମାନ ପ୍ରଭାବ ପଡ଼ି କ୍ଷତି ହେଉଥିବ। କିନ୍ତୁ ସେମାନେ ଅଭ୍ୟାସରେ ପଡ଼ିଯିବା କାରଣରୁ ଜାଣି ପାରୁ ନାହାନ୍ତି ବୋଲି ମୁଁ ନିଶ୍ଚିତ ହୋଇ ଯାଇଥିଲି। ସେହି ଦିନ ଠାରୁ ମୋ ସାମ୍ନାରେ କିଏ କଡା ପାନ ଖାଇଲେ ମୁଁ ବାରଣ କରିଥାଏ, ତେଣିକି କିଏ ମାନନ୍ତୁ ବା ନମାନନ୍ତୁ। ଆଜି ନିଶା କବଳରେ ପଡ଼ିଯାଇଥିବା ଯୁବ ପିଢ଼ି ଯଦି ନିଜେ ସଚେତନ ହେବେ, ଓ ତାର କୁ-ପ୍ରଭାବ ବିଷୟ'ରେ ଅନୁଭବ କରିବେ ତେବେ ଯାଇ ଏକ ନିଶା ମୁକ୍ତ ସମାଜ ଗଠନ ହୋଇପାରିବ।

# କାର୍ତ୍ତିକ ବ୍ରତ ଏବଂ ଛାଡ଼ଖାଇ ମାହାତ୍ମ୍ୟ



ସଦାଶିବ ମହାପାତ୍ର

ହିନ୍ଦୁ ଧର୍ମ ଶାସ୍ତ୍ରରେ କାର୍ତ୍ତିକ ମାସ ସବୁଠାରୁ ପୁଣ୍ୟ ତଥା ପବିତ୍ର ମାସ ଭାବରେ ବିବେଚିତ। ବର୍ଷର ଏହା ହେଉଛି ସପ୍ତମ ତଥା ଚତୁର୍ମାସର ଅନ୍ତିମ ମାସ ।ଏହାକୁ ଦାମୋଦର ମାସ,ବୈଷ୍ଣବ ମାସ,ଧର୍ମ ମାସ ତଥା ଊର୍ଜା ମାସ ମଧ୍ୟ କୁହାଯାଏ । ମହାଦେବ ଦାସକୃତ କାର୍ତ୍ତିକ ମାହାତ୍ମ୍ୟରେ ଉଲ୍ଲେଖ ଅଛି – 'ବିଷ୍ଣୁର ଅତି ପ୍ରିୟ ମାସ, ମହା କାର୍ତ୍ତିକ ଯଥାକୃତ । 'ଅନୁରୂପ ଭାବରେ ପଦ୍ମପୁରାଣରେ କୁହାଯାଇଛି – 'କାର୍ତ୍ତିକୋ ବୈଷ୍ଣବୋ ମାସଃ ସର୍ବ ମାସେସୁ ଚୋତ୍ତମଃ'। ବ୍ରତଧାରୀମାନେ ସଂକଳ୍ପ ସହିତ ଅତ୍ୟନ୍ତ ନିଷ୍ଠା ସହକାରେ ଏହାକୁ ପାଳନ କରିଥାନ୍ତି । ନିତ୍ୟ ବ୍ରାହ୍ମ ମୁହୂର୍ତ୍ତରେ ପ୍ରାତଃ ସ୍ନାନ କରି ହରି ସ୍ମରଣପୂର୍ବକ ତୁଳସୀଙ୍କୁ ଜଳ ଅର୍ପଣ କରି ସଂଧ୍ୟାରେ ଦୀପଦାନ ଏହି ବ୍ରତରେ ବିଧେୟ। ଏଣୁ ଶାସ୍ତ୍ରରେ କୁହାଯାଇଛି- ' ହରି ଜାଗରଣମ୍ ପ୍ରାତଃ ସ୍ନାନମ୍ ତୁଳସୀ ସେବନମ୍ ଉଦ୍ୟାପନଂ ଦୀପଦାନଂ ବ୍ରତ ଦ୍ୟେତାନି କାର୍ତ୍ତିକେ'।

ଏହି ମାସରେ ଯେକୌଣସି ଶୁଭକାର୍ଯ୍ୟ କଲେ ତାହାର କୋଟି ପୁଣ୍ୟଫଳ ମିଳିଥାଏ। ଭକ୍ତି ତଥା ଶ୍ରଦ୍ଧାପୂର୍ବକ ଏହାକୁ ପାଳନ କଲେ ଜୀବନରେ ଶାନ୍ତି,ସମୃଦ୍ଧି ତଥା ଦିବ୍ୟ ଆନନ୍ଦ ପ୍ରାପ୍ତ ହୁଏ । ସର୍ବତୀର୍ଥରେ ସ୍ନାନ ଏବଂ ସର୍ବଦାନରୁ ଯେଉଁ ଫଳ ଲାଭ ହୋଇଥାଏ ତାହା ଏହି ବ୍ରତରୁ ପ୍ରାପ୍ତ ହୋଇଥାଏ । ସେଥିପାଇଁ ଶାସ୍ତ୍ରରେ ଉଲ୍ଲେଖ ଅଛି –

'ସକଳ ପାପ ଯହିଁ ହରି,ମୁକ୍ତି ଲଭନ୍ତି ନରନାରୀ ।ଯେ ବ୍ରତେ ହୁଏ ରୋଗ ନାଶ, ସକଳ ପାପ ଯାଏ ଧ୍ଵଂସ '। କୁମାର (ଆଶ୍ୱିନ) ପୂର୍ଣ୍ଣିମା ଠାରୁ ଏହା ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମାରେ ଉଦଯାପିତ ହୋଇଥାଏ। ଐକାନ୍ତିକ ନିଷ୍ଠା ଏବଂ ନିର୍ମଳ ଶୁଦ୍ଧଚିତ୍ତ ବିଷ୍ଣୁଭକ୍ତିର ଜ୍ୱଳନ୍ତ ନିଦର୍ଶନ ହେଉଛି ଏହି ବ୍ରତ । ବିଷ୍ଣୁ (ନାରାୟଣ)ଙ୍କର ପ୍ରିୟ ମାସ ହୋଇଥିବାରୁ ଏହା କୋଟି ପୁଣ୍ୟଦାୟକ ।

କାର୍ତ୍ତିକ ପର୍ଣ୍ଣିମାର ପରଦିନଟି ହେଉଛି 'ଛାଡ଼ଖାଇ'। ଓଡ଼ିଶାରେ ଅତି ଆବେଗର ସହ ପାଳିତ ହେଉଥିବା ଏକ ସାମାଜିକ ଚଳଣୀ। ସମସ୍ତ ଓଡ଼ିଆଙ୍କ ପାଇଁ ଏହା ଏକ ପ୍ରତିକ୍ଷୀତ ଦିନଟିଏ । ନାନା ମୁନିଙ୍କ ନାନା ମତ ପରି ଏ ପରମ୍ପରା କେବେ,କିପରି ଆରମ୍ଭ ହୋଇଛି ତାହା କହିବା ଅତ୍ୟନ୍ତ ଦୁରୂହ ବ୍ୟାପାର । କାର୍ତ୍ତିକ ବ୍ରତଧାରୀମାନେ ମାସସାରା ଏକ ବକ୍ତ ହବିଷ୍ୟାର୍ଣ୍ଣ (ବିଧିଯୁକ୍ତ ସ୍ୱତନ୍ତ୍ର ଦ୍ରବ୍ୟ ମିଶ୍ରିତ ବ୍ୟଞ୍ଜନ)ଗ୍ରହଣ କରିଥାନ୍ତି। ଏହି ସମୟରେ ପରିତେଜ୍ୟ ପଦାର୍ଥକୁ ପୁନର୍ବାର ଗ୍ରହଣ କରିବାର ଦିନ 'ଛାଡ଼ଖାଇ' । ହରିଭକ୍ତି ବିଳାସ ଅନୁସାରେ ବୈଷ୍ଣବମାନେ ବ୍ରତ ସମୟରେ ଗ୍ରହଣ କରିନଥିବା ଖାଦ୍ୟ ଦ୍ରବ୍ୟକୁ ବ୍ୟବହାର କରିଏହି ଦିନ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ କରିଥାନ୍ତି। ଭଗବାନଙ୍କୁ ଅର୍ପଣ କରିବା ପରେ ଏହି ପ୍ରସାଦକୁ ସମସ୍ତଙ୍କୁ ଶ୍ରଦ୍ଧାପୂର୍ବକ ବିତରଣ କରିଥାନ୍ତି । ସେହିପରି ପୂର୍ଣ୍ଣମୀ ପରଦିନ ବ୍ରତଧାରୀମାନେ ସମ୍ପୂର୍ଣ୍ଣ ଆହାର ଛାଡ଼ି ଭଗବାନ ବିଷ୍ଣୁ (ନାରାୟଣ )ଙ୍କ ପାଇଁ ପୂର୍ଣ୍ଣ ଉପବାସ ରହିବାର ଦିନ ହେଉଛି 'ଛାଡ଼ଖାଇ' । ନୌବାଣିଜ୍ୟ ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଆ ସାଧବ ପୁଅମାନଙ୍କର ମେଲାଣି ଭୋଜିରେ ଆମିଷ ବ୍ୟବହୃତ ହେଉଥିବାର ମତ ମିଳେ । ବୈଜ୍ଞାନିକ ଦୃଷ୍ଟିରୁ ବିଚାର କଲେ ଆମିଷ (ମାଂସ)ରେ ସ୍ନେହସାର ଏବଂ ଆର୍ଦ୍ରତାର ଅନୁପାତ ଅଧିକ ଥିବାରୁ ଏହି ଦିନ ଏହାର ଆଗ୍ରହ ରହିଥାଏ।

ଶାସ୍ତ୍ରାନୁସଙ୍ଗତ ତଥା ବିଜ୍ଞାନସମ୍ମତ ମତାମତ ପରେ ଆମେ ସମୂହବାଚୀ ଚିନ୍ତାଧାରା ଉପରେ ଦୃଷ୍ଟି ଦେବା ସମୀଚୀନ ମନେ ହେବ । ସାଧାରଣତଃ ଆମେ ଧର୍ମ ମାସ କାର୍ତ୍ତିକ ଅଥବା ପଞ୍ଚୁକରେ ନୀତିନିୟମ ମାନି ନିରାମିଷାଶୀ ଜୀବନକୁ ଆପଣେଇ ନେଇଥାଉ । ଏହି ଦୀର୍ଘ ଦିନର ଆମିଷ ରହିତ ତୃଷାର୍ତ୍ତ ଜୀବନରେ 'ଛାଡ଼ଖାଇ' ହେଉଛି ଏକ ବାରିଧି ତୁଲ୍ୟ । ସତେଯେପରି ଏକ ନିର୍ଜନ ଦ୍ୱୀପରେ ବନ୍ଦୀ ଜୀବନରୁ ମୁକ୍ତି ପାଇଯିବାର ଏକ ସୁଖଦ ଅନୁଭୂତି । ଏକ ବହୁ ପ୍ରତିକ୍ଷୀତ ମୁହୂର୍ତ୍ତର ଅଭୂତପୂର୍ବ ପ୍ରାପ୍ତି ।

ମଣିଷ କାଳେ କାଳେ ସୁବିଧାବାଦୀ । ନିଜକୁ ସୁହାଇଲା ପରି ବିଧି ବ୍ୟବସ୍ଥା ତିଆରି କରିବା ଆମର ଏକ ପ୍ରାଚୀନ ପରମ୍ପରା । ତେବେ ପୁଣ୍ୟମାସ କାର୍ତ୍ତିକରେ ଧର୍ମ ଅର୍ଜନ ପରେ ମାର୍ଗଶୀରର ଆଦ୍ୟ ଦିନରେ ବୋହିଯାଏ ରକ୍ତର ଧାରା । କାର୍ତ୍ତିକ ନ ସରୁଣୁ ଆରମ୍ଭ ହୋଇସାରିଥାଏ ମାଂସ କସରତ । ଆମର ଜିହ୍ୱାଲାଳସାକୁ ପରିପୂର୍ଣ୍ଣ କରିବା ଆଶାରେ ପାଳିତ ହୁଏ ସମୂହ ପ୍ରାଣୀହତ୍ୟାର ଏହି ନାରକୀୟ ପର୍ବ । ମାସଯାକ ହରିନାମ ଉଚ୍ଚାରଣ କରୁଥିବା ତୁଣ୍ଡରେ ଅବାଧରେ ପଶିଯାଏ ମାଛମୁଣ୍ଡ । ବାସ୍ତବିକ୍ ମନେହୁଏ ଏହା 'ଛାଡ଼ଖାଇ' ନୁହେଁ 'ହାଡ଼ଖାଇ' ।

ପ୍ରକୃତପକ୍ଷେ ବିଚାର କଲେ କୌଣସି ବେଦ, ଉପନିଷଦ, ପୁରାଣ ରେ ଏଭଳି କୁ-ପ୍ରଥାର ଉଲ୍ଲେଖ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ।' ପିଉ ଗବେଷଣା କେନ୍ଦ୍ର'ର ସର୍ବେକ୍ଷଣ ଅନୁଯାୟୀ ଧାର୍ମିକ ଦୃଷ୍ଟିକୋଣରୁ ଶତକଡ଼ା ୪୪ ପ୍ରତିଶତ ହିନ୍ଦୁ ଶାକାହାରୀ ଭାବେ ଚିହ୍ନଟ ହୋଇଛନ୍ତି। ବିଶ୍ୱର ସର୍ବାଧିକ ଶାକାହାରୀ ଜନସଂଖ୍ୟା ବିଶିଷ୍ଟ ସନାତନ ହିନ୍ଦୁ ରାଷ୍ଟ୍ରରେ ଏପରି ପଶୁହତ୍ୟା ପ୍ରସଙ୍ଗ ଚିନ୍ତା ଉଦ୍ରେକକାରୀ ନୁହେଁ କି ! ତେବେ ଏଠାରେ ପ୍ରଶ୍ନ ଉଠେ ଏଭଳି କ୍ରୂର ମାନସିକତା କାହିଁକି ? କେଉଁଥିପାଇଁ ଏ ପର୍ବ ତଥା ପରମ୍ପରା ? ଏହା କଣ ବାସ୍ତବିକ୍ ଏକ ସର୍ବସମ୍ମତିକ୍ରମେ ଗ୍ରହଣୀୟ ଚିନ୍ତାଧାରା !



ଆତ୍ମନିୟନ୍ତ୍ରଣ ହିଁ ବ୍ରତର ମହତ୍ ଉଦ୍ଦେଶ୍ୟ ହେବା ବିଧେୟ । ଭୋଗରହିତ ଜୀବନ,ଆତ୍ମଚିନ୍ତନ ତଥା ଆଧାତ୍ମିକ ଅନୁଚିନ୍ତା ହିଁ ଆମକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଥାଏ । ପ୍ରକୃତିର ନିକଟବର୍ତ୍ତୀ ହୋଇ ଦୈନନ୍ଦିନ ଜିବନଚର୍ଯ୍ୟାରେ ଆତ୍ମସାଧନ ଆଡ଼କୁ ଅଗ୍ରସର ହେବା ମନୁଷ୍ୟର ଧର୍ମ ହେବା ଉଚିତ୍ । ଭାଗବତରେ ଉଲ୍ଲେଖ ଅଛି– 'ମହତେ ଯାହା ଆଚରିବେ, ଇତରେ ତାହା ହିଁ କରିବେ' ।ଏଣୁ 'ଛାଡ଼ଖାଇ' ଭଳି ଏକ ପର୍ବକୁ ଏଭଳି ଘୃଣ୍ୟପ୍ରଥା ଭାବରେ ପ୍ରଶ୍ରୟ ନ ଦେଇ ଏକ ସକାରାତ୍ମକ ଉପାୟରେ ପାଳନ କଲେ ଆମର ଉତ୍ତରପୀଢ଼ି ନିଜକୁ ଏକ ସନାତନୀ ହିନ୍ଦୁ ବୋଲି ଗର୍ବରେ କହିପାରିବେ।

***ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର***
*ମୋ-୮୮୯୫୨୬୪୩୮୨*

# ଖୁସି ଖବର : ଡିସେମ୍ବର ୩୧ ଯାଏଁ କରାଇପାରିବେ ଇ-କେଓ୍ୱାଇସି



**ଭୁବନେଶ୍ୱର (ଭିଓଭି) :** ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀମାନଙ୍କ ପାଇଁ ଖୁସି ଖବର ଆସିଛି। କୌଣସି କାରଣରୁ ଏପର୍ଯ୍ୟନ୍ତ ଇ-କେଓ୍ୱାଇସି କରାଇ ନପାରିଥିବା ହିତାଧିକାରୀମାନେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନକାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାରଯୁକ୍ତ ଇ-କେଓ୍ୱାଇସି କରାଇ ପାରିବେ। ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଏହି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡ଼ିଏସ୍ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ ଜାରି ରହିଛିଓ ଏତଦବ୍ୟତୀତ ଅଦ୍ୟାବଧି ଇ-କେଓ୍ୱାଇସି କରାଇ ନ ପାରିଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡ଼ି.ଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଅଛିଓ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେଓ୍ୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ ଓ ଏହି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ।

ରାସନ କାର୍ଡକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅକ୍ଟୋବର ମାସରେ କହିଥିଲେ, ଯେଉଁମାନେ ନିଜର ଇ-କେଓ୍ୱାଇସି କରି ନାହାନ୍ତି ସେମାନଙ୍କୁ ଆସନ୍ତା ମାସରୁ ଆଉ ଚାଉଳ ମିଳିବନି। କେନ୍ଦ୍ର ସରକାର ଇ-କେଓ୍ୱାଇସିକୁ ବନ୍ଦ କରିଛନ୍ତି। ଯେଉଁମାନେ ଇ-କେଓ୍ୱାଇସି ନକରି ମଧ୍ୟ ଚାଉଳ ପାଉଛନ୍ତି, ଆସନ୍ତାମାସରୁ ଏହାକୁ ବନ୍ଦ କରିଦିଆଯିବ। ଗତ ୭-୮ ମାସ ଧରି ଇ-କେଓ୍ୱାଇସି ପ୍ରକ୍ରିୟା ଚାଲିଥିଲା। ତେଣୁ ଆଉ ବଢ଼ିବାର ନାହିଁ। କେନ୍ଦ୍ର ସରକାର ଯଦି ଇ-କେଓ୍ୱାଇସି ଅବଧି ବଢ଼ାଇବେ ତା'ହେଲେ ରାଜ୍ୟ ସରକାର ମଧ୍ୟ ଏହି ଅବଧିକୁ ବୃଦ୍ଧି କରିବେ। ଏହା ସହ ଯେଉଁମାନେ ରାସନ କାର୍ଡରୁ ବାଦ୍ ପଡ଼ିଥିବେ ସେମାନେ ଲିଖିତ ଭାବେ ଜଣାଇଲେ ସେମାନଙ୍କ କଥା ବିଚାର କରାଯିବ। ରାଜ୍ୟରେ ଏବେ ବି ୧୫ ଲକ୍ଷ ୬୭ ହଜାରରୁ ଅଧିକ ରାସନକାର୍ଡଧାରୀ ଇ-କେଓ୍ୱାଇସି କରି ନଥିବା ସେ ସୂଚନା ରହିଛି।

ଉଲ୍ଲେଖଯୋଗ୍ୟ ଯେ ଗତ ସେପଟ୍ମେର ୩୦ ତାରିଖ ଇ-କେଓ୍ୱାଇସି କରିବାର ଶେଷ ତାରିଖ ରହିଥିଲା। କେନ୍ଦ୍ର ସରକାର ଏହି ପ୍ରକ୍ରିୟାକୁ ବନ୍ଦ କରିଦେଇଛନ୍ତି। ବିଜେଡି ସରକାର ସମୟରେ ଅନେକ ଭୂତ ହିତାଧିକାରୀ ଚାଉଳ ଉଠାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଧରପଗଡ଼ ଆରମ୍ଭ ହୋଇଥିଲା। ରାଜ୍ୟର ଲକ୍ଷାଧିକ ଲୋକ ଇ-କେଓ୍ୱାଇସି ନକରିବା ପଛରେ ଅନେକ କାରଣ ରହିଛି। ଅଯୋଗ୍ୟ ହିତାଧିକାରୀ ଧରାପଡ଼ିବା ଭୟରେ ଇ-କେଓ୍ୱାଇସି କରୁନାହାନ୍ତି। ଉପାନ୍ତ ଅଞ୍ଚଳରେ ନେଟୱାର୍କ ସମସ୍ୟା ପାଇଁ ବହୁ ହିତାଧିକାରୀ ଅପଡେଟ୍ କରିପାରିନାହାନ୍ତି। ଏହା ସହ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେଓ୍ୱାଇସି କରିନାହାନ୍ତି।

# ବର୍ବରତାର ସୀମା ଟପିଗଲେ ବସ୍ କର୍ମଚାରୀ



**କେନ୍ଦୁଝର (ଭିଓଭି) :** ଅମାନୁଷିକତାର ସୀମା ଟପିଗଲେ ବସ୍ କର୍ମଚାରୀ। ପ୍ରଥମେ ଗାଡ଼ି ଚଢ଼ାଇ ଜୀବନ ନେଲେ, ପରେ ଗାଡ଼ି ପଛରେ ବାନ୍ଧି ଘୋଷାରିଲେ। ଏଭଳି ଅମାନବିକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ୍ କାଦକଳା ଗାଁରେ। ଆଜି କାଦକଳାରୁ କେନ୍ଦୁଝର ଯାଉଥିବା ଶୁଭମ୍ ନାମକ ଯାତ୍ରୀବାହୀ ବସ୍ ଚକତଳେ ଏକ କୁକୁର ପଶିଯିବାରୁ ଚାପି ହୋଇଯାଇଥିଲା। ମା' କୁକୁର ପଛରେ ୪-୫ଟି ଛୁଆ ଥିଲେ ମଧ୍ୟ ବର୍ତ୍ତିଯାଇଥିଲେ। ତେବେ ଗାଡ଼ି ଚକ ତଳେ କୁକୁରର ଜୀବନ ଚାଲିଗଲା ପରେ ବସ୍ କର୍ମଚାରୀ ଓହ୍ଲାଇ ମଲା କୁକୁରକୁ ବସ୍ ପଛପଟେ ବାନ୍ଧି ଦେଇଥିଲେ। ଫଳରେ ମଲା କୁକୁରଟି ଘୋଷାରି ହୋଇଯାଇଥିଲା। ଏହି ଦୃଶ୍ୟକୁ କେତେକ ଭିଡିଓ ରେକର୍ଡିଂ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିବା ପରେ ପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ବିଷୟରେ ନୟାକୋଟ ଥାନା ଅଧିକାରୀ ଜନ୍ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ଘଟଣା ସଂପର୍କରେ ଜାଣିବା ପରେ ଆମେ ତଦନ୍ତ ଚଳାଇଛୁ। ବସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଜେଡି ଛାଡ଼ିବା ଭିତିରି କଥା କହିଲେ ଜୟ



**ନୂଆପଡ଼ା (ଭିଓଭି):** ବିଜେଡି ଛାଡ଼ିବା ନେଇ ଜୟ ଢୋଲକିଆ ବିସ୍ଫୋରକ ବୟାନ ଦେଇଛନ୍ତି। ଜୟ କହିଛନ୍ତି, ବାପା ଅସୁସ୍ଥ ଥିବାବେଳେ ବିଜେଡି ତାଙ୍କୁ ପଚାରିଲା ନାହିଁ। ଯେଉଁ ନେତାମାନେ ଦଳରେ ଜୀବନ ସାରା ରହିଲେ, ତାଙ୍କୁ ନା ଫୋନ୍ କଲେ ନା ସହଯୋଗ। ଏପରିକି ବାପାଙ୍କ ଦଶାହ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ମତେ ଡକାଯାଇନଥିଲା। ମୁଁ ପୁଅ ହୋଇ ବି ସେମାନେ ମୋତେ ଡାକିନଥିଲେ। ଯେଉଁଥିପାଇଁ ମୁଁ ଦଳ ଛାଡିଲି। ବାପାଙ୍କ ସ୍ୱପ୍ନ ଥିଲା ଯେ ନୂଆପଡ଼ାକୁ ଏକନମ୍ବର କରିବା। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ କରିବାକୁ ବିଜେପିକୁ ଆସିଲି। ବିଜେଡିରେ ଏହା ସମ୍ଭବ ହୋଇନଥାନ୍ତା ବୋଲି କହିଛନ୍ତି ଜୟ ଢୋଲକିଆ।

# ଇତିହାସ ରଚିଲା ଇସ୍ରୋ



**ଶ୍ରୀହରିକୋଟା (ଭିଓଭି) :** ଇସ୍ରୋ ରଚିଲା ଇତିହାସ । ମହାକାଶକୁ ଗଲା ସବୁଠୁ ଓଜନିଆ ଉପଗ୍ରହ । କମ୍ୟୁନିକେସନ ସ୍ୟାଟେଲାଇଟ CMS-03 ର ଉତ୍କ୍ଷେପଣ କଲା ଇସ୍ରୋ । ଆନ୍ଧ୍ରପ୍ରଦେଶ, ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯାଇଛି । ଦେଶର ସବୁଠୁ ଶକ୍ତିଶାଳି ରକେଟ୍ LVM-03 M-5 ରେ ଉତ୍କ୍ଷେପଣ କରାଯାଇଛି । ଭାରତୀୟ ନୌସେନା ପାଇଁ ଏହା କାମ କରିବ । ଜାହଜ ଓ ବୁଡ଼ାଜାହଜକୁ ସୁରକ୍ଷିତ ସେବା ଯୋଗାଇବ CMS-03 । ସାମୁଦ୍ରିକ ଓ ରଣନୈତିକ ସଂଯୋଗ ବୃଦ୍ଧି କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

# ବଡ଼ ଏକାଦଶୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼



**ରଣପୁର (ଭିଓଭି) :** ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ହୋଇଆସୁଥିବା ରଣପୁର ଗଡ଼ ଜଗନ୍ନାଥ ମନ୍ଦିରରେ ମହାକାର୍ତ୍ତିକର ବଡ଼ଏକାଦଶୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦିବାରାତ୍ର ପ୍ରବଳ ମାତ୍ରାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା । ଶ୍ରୀକ୍ଷେତ୍ରରେ ଷୋହଳ କଳା ବିଦ୍ୟମାନ ଥିବାବେଳେ ରଣପୁରରେ ଏକକଳା ଥିବା ହେତୁ ଯେଉଁମାନେ ବଡ଼ ଏକାଦଶୀରେ ଶ୍ରୀକ୍ଷେତ୍ରକୁ ଯାଇପାରୁନାହାନ୍ତି ସେମାନେ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରରେ ମହାପ୍ରଭୁଙ୍କ ଦର୍ଶନ କରି ସେହି ପୂଣ୍ୟ ଲାଭ କରୁଥିବାର କିମ୍ବଦନ୍ତୀ ରହିଥିବାରୁ ରବିବାର ଦିନତମାମ ରଣପୁର ଜଗନ୍ନାଥ ମନ୍ଦିରରେ ପ୍ରବଳ ମାତ୍ରାରେ ଭିଡ଼ ଲାଗିଥିଲା । ସମଗ୍ର ରଣପୁର ଅଞ୍ଚଳ ସହ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କର ସମାଗମ ହୋଇଥିଲା । ଶନିବାର ରାତ୍ରରୁ ରବିବାର ଦିବାରାତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ହରେକୃଷ୍ଣ ହରେରାମ ନାମକୀର୍ତ୍ତନରେ ରଣପୁର ଅଞ୍ଚଳରେ ଏକ ଭାବମୟ ପରିବେଷ ସୃଷ୍ଟି ହୋଇଥିଲା । ଗୀତା ଭବନ ତରଫରୁ ଏହି ନାମକୀର୍ତ୍ତନ ସହ ଶାନ୍ତି ଶୃଙ୍ଖଳାରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରବଳ ଜନସମାଗମ ହେତୁ ମନ୍ଦିର ସମ୍ମୁଖ ଓ ଆଖପାଖ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଲାଗିରହିଥିଲା । ଏହି ସମସ୍ୟାର ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ତରଫରୁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# କାର୍ତ୍ତିକ ମାସ ପରେ ହେବ ରତ୍ନଭଣ୍ଡାରର ଗଣତି ଓ ମଣତି



**ଭୁବନେଶ୍ୱର (ଭିଓଭି) :** ରତ୍ନ ଭଣ୍ଡାର ଗଣତି ଓ ମଣତି ନେଇ ଖୁବ ଶୀଘ୍ର ଆସିବ ଏସଓପି। ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀ ହରିଚନ୍ଦନ କହିଛନ୍ତି, ଶ୍ରୀକ୍ଷେତ୍ରର ବିକାଶ ପାଇଁ ସମୀକ୍ଷା ହୋଇଛି। କାମ ଆରମ୍ଭ ହୋଇଛି। ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ହେବ। କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଓ ଗଣତି ମଣତି ହେବ। ଶୃଙ୍ଖଳିତ ଦର୍ଶନ ହେଲେ କୌଣସି ଅସୁବିଧା ହେବ ନାହିଁ। ଭକ୍ତଙ୍କୁ ଅନୁରୋଧ ଦର୍ଶନ ସମୟରେ ତରବର ନହୋଇ ମନ୍ଦିର ପ୍ରଶାସନ ପକ୍ଷରୁ ଯାହା ବ୍ୟବସ୍ଥା ହୋଇଛି ସହଯୋଗ କରନ୍ତୁ। ଗତ ସେପ୍ଟେମ୍ବର ମାସରେ ସଂରକ୍ଷଣ ତଥା ମରାମତି ପରେ ନୂଆ ରୂପ ପାଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ସ୍ଥାୟୀ ଭାବରେ ନିଆଯାଇଥିଲା। ପୂର୍ବରୁ ଧାର୍ଯ୍ୟ ହୋଇଥିବା ଶୁଭବେଳା, ପୂର୍ବାହ୍ନ ୧୦ଟା ୫୫ ମିନିଟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଠିକ୍ ଅପରାହ୍ଣ ୨ଟା ୫୫ ମିନିଟ୍ ସମୟରେ ଶେଷ ହୋଇଥିଲା । ୪ ଘଣ୍ଟାରେ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଥିଲା। ଏହା ପରେ ଶ୍ରୀମନ୍ଦିର ଶୋଧ ହୋଇ ସର୍ବସାଧାରଣଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ଶୁଭବେଳାରେ ରତ୍ନଭଣ୍ଡାର କମିଟି ତଥା ଉଚ୍ଚସ୍ତରୀୟ କମିଟି ସଦସ୍ୟମାନେ ପାରମ୍ପରିକ ପୋଷାକରେ ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପରେ ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ସାମଗ୍ରୀ ସ୍ଥାନାନ୍ତର ପରେ ମୂଳ ଓ ବାହାର ଭଣ୍ଡାରକୁ ତିନିଟି ଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ରତ୍ନ ସ୍ଥାନାନ୍ତର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଥିଲା। ଭିତର ଓ ବାହାର ରତ୍ନ ଭଣ୍ଡାର ଜଉମୁଦ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଅନ୍ୟପଟେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟିର ଦୁଇ ଜଣ ସଦସ୍ୟ ସ୍ଥାନାନ୍ତର ପ୍ରକ୍ରିୟାରେ ରହିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ଅଧ୍ୟକ୍ଷ ଜଷ୍ଟିସ୍ ରଥ ଓ ସଦସ୍ୟ ବିଶ୍ୱପ୍ରସିଦ୍ଧ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ସାମିଲ ପାଇଁ ଚିଠି ହୋଇଥିଲା। କିନ୍ତୁ ଦଳରେ କେବଳ ଜଷ୍ଟିସ୍ ରଥ ହିଁ ସାମିଲ ହୋଇଥିଲେ। ସୁଦର୍ଶନ ପଟ୍ଟନାୟକ ସାମିଲ୍ ନହେବା ନେଇ ତାଙ୍କୁ ଗଣମାଧ୍ୟମ ପଚାରିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ ଓ ହାଇପାୱାର କମିଟି ବୈଠକ ବସିଲେ ସେଠାରେ ସେ ଏହାକୁ ଉପସ୍ଥାପନ କରିବେ ବୋଲି କହିଥିଲେ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ମରାମତି ପାଇଁ ଅଳଙ୍କାର ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇଥିଲା। ଚଳିତ ଜୁଲାଇ ୭ ତାରିଖରେ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି ଶେଷ ହୋଇଥିଲା। ଆଜି ହୋଇଥିବା ସ୍ଥାନାନ୍ତର ପୂର୍ବରୁ ଅର୍ଥାତ୍ ଗତ ୧୯ ତାରିଖରେ ରତ୍ନଭଣ୍ଡାରକୁ ସଂସ୍କାର କରାଯାଇଥିଲା। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି କାମ ସଂପୂର୍ଣ୍ଣ ହୋଇଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହୋଇଥିବାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି ମଣତି ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବ। ଏହି କାମ ଚଳିତ ମାସରେ କରାଯିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ରାଜଧାନୀରେ କ୍ଲିନିକ୍ ଖୋଲିଛନ୍ତି ନକଲି ଡାକ୍ତର

**ଭୁବନେଶ୍ୱର (ଭିଓଭି) :** ରାଜଧାନୀରେ ମାତିଛନ୍ତି ନକଲି ଡାକ୍ତର(କ୍ୱାକ୍)। ନିଜକୁ ବିଶେଷଜ୍ଞ ଦର୍ଶାଇ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ତାହା ପୁଣି ଖୋଲାଖୋଲି ବିଶେଷକରି ରାଜଧାନୀ ଉପକଣ୍ଠରେ ଏଭଳି ନକଲି ଡାକ୍ତରଙ୍କ ପେଣ୍ଟସ୍ଥଳୀ ପାଲଟିବା ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି, ଏସବୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀ ଭଲ ହେବେ କ'ଣ ଓଲଟା ଗୁରୁତର ହୋଇଯାଉଛନ୍ତି। ଜିଲ୍ଲାସ୍ତରରେ ଏହି କ୍ୱାକ୍‌ମାନଙ୍କୁ ଚିହ୍ନଟ ପାଇଁ କ୍ୱାକ୍ ନିରୋଧୀ ସେଲ୍ ରହିଛି ତେଣୁ ଖୋର୍ଦ୍ଧା ଜିଲ୍ଲାର ଏହି ସେଲ୍ ଚିକିତ୍ସା କରୁଥିବା କ୍ୱାକ୍‌ଙ୍କୁ ଚିହ୍ନଟ କରିବାରେ ବିଫଳ ହେବାକୁ ନେଇ ପ୍ରଶ୍ନ ଉଠିଛି।

କଳିଙ୍ଗ ବିହାର ଅଞ୍ଚଳରେ ଏଭଳି ଜଣେ କ୍ୱାକ୍ ଚିକିତ୍ସା କରୁଥିବା ଅଭିଯୋଗ ଆସିଛି। ଜଣେ ୫୩ବର୍ଷର ପୁରୁଷ ତାଙ୍କ ପାଇଁ ଗତ ଜୁନ୍ ମାସରେ ଚିକିତ୍ସା ପାଇଁ ଯାଇଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନଆସିବାରୁ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ । ସେଠାରେ ଏହି ପ୍ରେସ୍‌କ୍ରିପସନ୍‌କୁ ଦେଖାଇବା ପରେ ସଂପୃକ୍ତ ଡାକ୍ତରଙ୍କୁ ନେଇ ସନ୍ଦେହ ବଢ଼ିଥିଲା। ନିଜକୁ ଡାକ୍ତର କହୁଥିବା ବ୍ୟକ୍ତି ଜଣକ ତାଙ୍କର ପ୍ରେସ୍‌କ୍ରିପସନ୍‌ରେ ଡାକ୍ତରୀ ପଞ୍ଜୀକରଣ ନମ୍ବର ଉଲ୍ଲେଖ କରିନାହାନ୍ତି। ଡିଗ୍ରିରେ ଲେଖିଛନ୍ତି 'ସିନିଅର ମେଡିସିନ୍ ସ୍ପେଶାଲିଷ୍ଟ ଓ ଡାଏବେଟୋଲୋଜିଷ୍ଟ'। ଏହାସହ 'ସ୍ପେଶାଲିଷ୍ଟ ଇନ୍ ଡାଇବେଟିସ୍' ବୋଲି ଉଲ୍ଲେଖ କରିଛନ୍ତି। ସାଧାରଣଭାବେ ଡାଇବେଟିକ୍ ବା ମଧୁମେହ ରୋଗର ଚିକିତ୍ସା କରୁଥିବା ବିଶେଷଜ୍ଞଙ୍କୁ ଡାକ୍ତରୀ ଭାଷାରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ବୋଲି କୁହାଯାଏ। ସାଧାରଣ ଲୋକଙ୍କ ବୁଝିବା ପାଇଁ କେହି କେହି ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କ ସହ ଡାଇବେଟିସ୍ ବୋଲି ଉଲ୍ଲେଖ କରିଥା'ନ୍ତି। ବିନା ଡାକ୍ତରୀ ପଞ୍ଜୀକରଣରେ ସଂପୃକ୍ତ ଡାକ୍ତର ଜଣକ କିଭଳି ରୋଗୀ ଦେଖୁଛନ୍ତି ତାହା ଆଶ୍ଚର୍ଯ୍ୟ କରିଛି। ଏହାଦ୍ୱାରା ଅନେକ ଲୋକଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି।

## ଅଭିଯୋଗ ଆସିଲେ ପଦକ୍ଷେପ ନେବୁ : ସ୍ୱାସ୍ଥ୍ୟ ଅଧିକାରୀ



ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ଅନେକ ସମୟରେ ଲୋକମାନେ ପ୍ରାଣ ହରାଇବା ଅଭିଯୋଗ ହୋଇଆସୁଛି। ଅନେକ ଧରାପଡ଼ି ଗିରଫ ହେଉଛନ୍ତି। କ୍ୱାକ୍ ଚିକିତ୍ସାରେ ନିୟନ୍ତ୍ରଣ ଆଣିବା ଲାଗି ଗତବର୍ଷ ଏପ୍ରିଲ ମାସରେ ରାଜ୍ୟ ସରକାର ଜିଲ୍ଲା କ୍ୱାକ୍ ନିରୋଧୀ ସେଲ୍ ଗଠନ ସଂପର୍କରେ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ଜିଲ୍ଲାପାଳ, ଏସ୍‌ପିଙ୍କ ପ୍ରତିନିଧି, ସିଡିଏମ୍‌ଓ, ଜିଲ୍ଲା ଆଇନ ସେବା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଓ ଭାରତୀୟ ମେଡିକାଲ ସଂଘର ପ୍ରତିନିଧି ସଦସ୍ୟ ରହିଛନ୍ତି। ନକଲି ଡାକ୍ତରଙ୍କ ସଂପର୍କରେ କୌଣସି ସୂତ୍ରରୁ ଖବର ପାଇଲେ ସେମାନେ ଚଢ଼ାଉ କରିବେ। ହେଲେ ଜିଲ୍ଲାସ୍ତରରେ ଏହି କ୍ୱାକ ନିରୋଧୀ ସେଲ୍‌ର ପ୍ରଦର୍ଶନ ଆଦୌ ଉତ୍ସାହଜନକ ନୁହେଁ। କ୍ୱାକ୍‌ମାନେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ବେଳେ ସେମାନଙ୍କୁ ଧରିବ ଲାଗି କ୍ୱାକ୍ ନିରୋଧୀ ସେଲ୍ ଯେଉଁ ତତ୍ପରତା ଦେଖାଇବା କଥା ନଜରକୁ ଆସୁନାହିଁ। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା.ବିଜୟ ମହାପାତ୍ର କହିଛନ୍ତି, ବିନା ଡାକ୍ତରୀ ପଞ୍ଜୀକରଣରେ କୌଣସି ଏମ୍‌ବିବିଏସ୍ ଡାକ୍ତର ଚିକିତ୍ସା କରିପାରିବେ ନାହିଁ। ଯଦି କୌଣସି ଡାକ୍ତରଙ୍କ ଉପରେ ସାଧାରଣ ଲୋକଙ୍କ ସନ୍ଦେହ ଉପୁଜୁଛି ତାହାଲେ ସେମାନେ ଜିଲ୍ଲାସ୍ତରରେ ଥିବା କ୍ୱାକ୍ ନିରୋଧୀ ସେଲ୍‌କୁ ଜଣାନ୍ତୁ। ନଚେତ୍ ଓଡ଼ିଶା ମେଡିକାଲ ପଞ୍ଜୀକରଣ ପରିଷଦ (ଓସିଏମ୍‌ଆର)ର ୱେବ୍‌ସାଇଟ୍‌ରେ ସଂପୃକ୍ତ ଡାକ୍ତରଙ୍କ ପଞ୍ଜୀକରଣ ନମ୍ବର ଲେଖି ତାଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ପାଇପାରିବେ । ଏହାସହ ସ୍ୱାସ୍ଥ୍ୟ ବିଭାଗ ନିକଟକୁ ଲିଖିତ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ। ତେବେ ମଧୁମେହ ରୋଗର ଚିକିତ୍ସା କରୁଥିବା ଡାକ୍ତର ଏଣ୍ଡୋକ୍ରାଇନୋଲୋଜିଷ୍ଟ ନଲେଖି କେବଳ ଡାଇବେଟିକ୍ ସ୍ପେଶାଲିଷ୍ଟ ଲେଖିବା ନିଶ୍ଚିତ ଭାବେ ସନ୍ଦେହଜନକ। ଲୋକମାନଙ୍କୁ ନକଲି ଡାକ୍ତରଙ୍କ ସଂପର୍କରେ ସଚେତନ ହେବାକୁ ପଡ଼ିବ ବୋଲି ଡା.ମହାପାତ୍ର କହିଛନ୍ତି ।

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଅଞ୍ଚଳରେ ବର୍ଷ ବର୍ଷ ଧରି ଏଭଳି ଜଣେ ନକଲି ଡାକ୍ତର ଚିକିତ୍ସା କରୁଥିବା ଖବର କିଛି ମାସ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ନିଜର ପ୍ରେସ୍‌କ୍ରିପସନ୍‌ରେ ସେ ଭୁଲ୍ ପଞ୍ଜୀକରଣ ନମ୍ବର ଦେବା ସହ ସନ୍ଦେହଜନକ ଡିଗ୍ରୀ ଉଲ୍ଲେଖ କରିଥିଲେ। ଡାକ୍ତରୀ ବିଜ୍ଞାନରେ ଏଭଳି କୌଣସି ଡିଗ୍ରୀ ସଂପର୍କରେ କେହି ଜାଣିନାହାନ୍ତି।

# ନିୟମିତ ଡାକ୍ତର ଶୂନ୍ୟ ବିଏମ୍‌ସି ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ

## ବିଏମ୍‌ସି ହସ୍ପିଟାଲ ବଦଳରେ ଡେପୁଟେସନ୍ ହସ୍ପିଟାଲ ନାମକରଣ କରିଦିଆଯାଉ - ସ୍ଥାନୀୟ ବାସିନ୍ଦା

**ଭୁବନେଶ୍ୱର (ଭିଓଭି) :** ଡେପୁଟେସନରେ ଚାଲିଛି ବିଏମ୍‌ସି ହସ୍ପିଟାଲର ଚିକିତ୍ସା ସେବା। ସ୍ୱାସ୍ଥ୍ୟ ବିଭାଗ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ଖୋର୍ଦ୍ଧା ସିଡିଏମ୍‌ଓ ଏବଂ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ସମନ୍ୱୟ ଅଭାବରୁ ଏହାର ପ୍ରଭାବ ସିଧାସଳଖ ବିଏମ୍‌ସି ଡାକ୍ତରଖାନାର ରୋଗୀଙ୍କ ସେବା ଉପରେ ପଡୁଛି। ଡାକ୍ତରଖାନାରେ ଜଣେ ହେଲେ ନିୟମିତ ଡାକ୍ତର ନାହାନ୍ତି । ସ୍ୱାସ୍ଥ୍ୟ ବିଭାଗ ଏବେ ତିନିଜଣ ଡେପୁଟେସନରେ ଥିବା ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରିଥିବାରୁ ଡାକ୍ତରଖାନାର ଛାତି ଏବଂ ଇଏନ୍‌ଟି ବିଭାଗ ବନ୍ଦ ହୋଇଯାଇଛି । ଏହି ଦୁଇ ବିଭାଗରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ ।

ସୂଚନାଯୋଗ୍ୟ, ୧୯୪୬ରେ ରାଜଧାନୀରେ ପ୍ରଥମ କରି ପୁରୁଣା ଭୁବନେଶ୍ୱରରେ ବିଏମ୍‌ସି ଡାକ୍ତରଖାନା ଖୋଲିଥିଲା । ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ ସେବା ସହିତ ଓପିଡି ଓ କାଜୁଆଲିଟି ସେବା ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଖାନାରେ ୪୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବା ସହ ୨୪ଘଣ୍ଟିଆ ସେବା ଯୋଗା ଯାଉଥିଲା। ଏହାବ୍ୟତୀତ ଡାକ୍ତରଖାନା ଅଧୀନରେ ୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଥିଲା। ଏହି ଡାକ୍ତରଖାନାକୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନକୁ ଯିବା ପରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯାଇଛି । ସେବେଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଡାକ୍ତରଖାନାରେ ଜଣେ ହେଲେ ନିୟମିତ ଡାକ୍ତର ନିଯୁକ୍ତି ଦିଆଯାଇନି। କେବଳ ଡେପୁଟେସନରେ ଥିବା ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲୁଛି। ଏବେ ୧୨ଜଣ ଡେପୁଟେସନ ଡାକ୍ତର, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ଜଣେ, ଖୋର୍ଦ୍ଧା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣେ ଓ ବିଏମସିର ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲୁଛି ।

ନିଦାନ ବିଭାଗରେ ଡାକ୍ତର ନଥିବାରୁ ଟେକ୍ନିସିଆନଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି।




ଶିଶୁ ବିଭାଗର ଜଣେ ଡାକ୍ତର ସପ୍ତାହରେ ଦୁଇଦିନ ଆସୁଛନ୍ତି। ଚର୍ମ ବିଭାଗର ଜଣେ ଡାକ୍ତର ସପ୍ତାହର ସୋମ, ମଙ୍ଗଳ, ବୁଧ ଓ ଶୁକ୍ରବାର କେବଳ ଅପରାହ୍ଣ ସମୟରେ ରୋଗୀ ଦେଖୁଛନ୍ତି। ହୃଦ୍ ରୋଗ ଡାକ୍ତର ବୁଧବାର, ନ୍ୟୁରୋଲୋଜି ଗୁରୁବାର ଓ ନେଫ୍ରୋଲୋଜି ଡାକ୍ତର ବିଭାଗରେ ଡାକ୍ତର ନଥିବାରୁ ବହୁଦିନରୁ ଉକ୍ତ ବିଭାଗ ବନ୍ଦ ହୋଇଗଲାଣି। ବିଏମ୍‌ସି ଡାକ୍ତରଖାନାକୁ ଦୈନିକ ୧୦୦୦ରୁ ୧୨୦୦ ରୋଗୀ ଆସୁଛନ୍ତି । ଡାକ୍ତର ଅଭାବ ଯୋଗୁଁ ରୋଗୀସେବା ବାଧାପ୍ରାପ୍ତ ହେବା ସହ ରୋଗୀଙ୍କୁ ନିରାଶ ହୋଇ ଅନ୍ୟତ୍ର ଯିବାକୁ ପଡୁଛି। ଡାକ୍ତରଖାନାରେ ଏଭଳି ଡାକ୍ତର ଅଭାବ ସମସ୍ୟା ଲାଗି ରହିଲେ ଆଗକୁ ଡାକ୍ତରଖାନା ବନ୍ଦ ହୋଇଯିବା ଆଶଙ୍କାକୁ ଏଡ଼ାଇ ହେବନି।




ଡାକ୍ତର ଅଭାବ ଯୋଗୁଁ ବାରି ଅନୁସାରେ ଡାକ୍ତରଖାନା ଚଳାଇବାକୁ ପଡୁଛି। ଅସ୍ଥିଶଲ୍ୟ ବିଭାଗରେ ଜଣେ ଡାକ୍ତର ସପ୍ତାହରେ ଦୁଇଦିନ ସୋମବାର ଓ ଗୁରୁବାର ରୋଗୀ ଦେଖୁଛନ୍ତି । ନିଶ୍ଚେତକ ଡାକ୍ତର ଦୁଇଜଣ। ଜଣେ କ୍ୟାପିଟାଲ ହସ୍ପିଟାଲରୁ ଶୁକ୍ରବାର ଆସୁଥିବା ବେଳେ ଆଉ ଜଣେ ସୋମ, ମଙ୍ଗଳ, ବୁଧ ଓ ଗୁରୁବାର କେବଳ ଆସୁଛନ୍ତି।

ସର୍ଜରୀ ବିଭାଗରେ ଜଣେ ଡାକ୍ତର ମଙ୍ଗଳ, ବୁଧ, ଗୁରୁ ଓ ଶୁକ୍ରବାର ଆସୁଛନ୍ତି। ମଙ୍ଗଳବାର ରୋଗୀ ଦେଖୁଛନ୍ତି । ସେହିପରି ସ୍ୱାସ୍ଥ୍ୟ ବିଭାଗର ଡେପୁଟେସନରେ ଆସିଥିବା ଆଖି ଡାକ୍ତରଙ୍କୁ ଚକ୍ଷୁ ବିଭାଗ ସମ୍ଭାଳିବା ସହ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟ ତୁଲାଇବାକୁ ପଡୁଛି।

ଭେଷଜ ବିଭାଗରେ ୩ଡାକ୍ତରଙ୍କ ମଧ୍ୟରୁ ଜଣକୁ ଅନ୍ୟତ୍ର ବଦଳି କରାଯାଇଛି। ଦନ୍ତ ବିଭାଗରେ ଦୁଇ ଡାକ୍ତର, ପ୍ରସୂତି ବିଭାଗରେ ୩ ଡାକ୍ତର ଅଛନ୍ତି। ଏଣ୍ଡୋସ୍କୋପି, ରେଡିଓଲୋଜିଷ୍ଟ, ମାନସିକ (ସାଇକାଟ୍ରିକ) ଏସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ସିଦ୍ଧାର୍ଥ ରାୟ କହନ୍ତି, ସ୍ୱାସ୍ଥ୍ୟ ବିଭାଗର ଡେପୁଟେସନରେ ଆସୁଥିବା ତିନି ଡାକ୍ତରଙ୍କ ଅନ୍ୟତ୍ର ବଦଳି କରାଯାଇଛି। ଏବେ ଛାତି ଓ ଇଏନ୍‌ଟି ବିଭାଗର ଡାକ୍ତରଙ୍କ ବଦଳି କରାଯାଇଥିବାରୁ ଦୁଇ ବିଭାଗ ଆଗକୁ ବନ୍ଦ ରହିବ। ଅସନ୍ତୁଷ୍ଟ ଥିବା ସ୍ଥାନୀୟ ବାସିନ୍ଦା ବି.ଏମ.ସି ହସ୍ପିଟାଲର ନାମ ପରିବର୍ତ୍ତନ କରି ସରକାର ଡେପୁଟେସନ ହସ୍ପିଟାଲ କରି ଦିଅନ୍ତୁ ବୋଲି ଅଭିମାନରେ କହିଛନ୍ତି।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# "When the Forests Fall Silent"

## The Price We Pay for Development



Nihar Ranjan Acharya

In the race for modern development, the earth bleeds silently. Bulldozers hum like mechanical beasts, tearing apart what took centuries to grow — the forests, our planet's living soul. We celebrate progress, yet seldom pause to ask: **progress towards what, and at what cost?**

Forests are not just clusters of trees. They are **breathing temples of life-** where roots speak to rivers, winds whisper to leaves, and every creature has a sacred role in the great orchestra of existence. From the Himalayan oaks to the sal and teak of central India, from mangroves that shield our coasts to bamboo groves that cradle biodiversity — each forest is a world in itself, a green civilization silently sustaining ours.

Yet, the axe of "development" strikes relentlessly. **Open-cast mining, road expansion, industrial corridors, and urban sprawls** have turned once-lush landscapes into barren wounds. Forests are cleared to make way for mines that feed our factories and gadgets. But every ton of ore extracted also extracts something invisible — **the soul of sustainability.**

When we cut a forest, we don't just lose trees; we lose **climate control systems, water regulators, oxygen factories,** and **carbon sinks** — all free services that nature has provided without billing us once. Forests are the planet's lungs. Destroy them, and you choke every living being's breath.

**The Illusion of Development**

We often hear the phrase — "for development, some sacrifice is necessary.

But are we sure what we call **sacrifice** isn't actually **suicide?**

The truth is, **economic growth without ecological balance is a hollow victory.** "Mining brings jobs, but forests bring life. You can rebuild an industry, but can you replant a 500-year-old banyan? You can lay new roads, but can you revive an extinct bird or a vanished tribe?

Across India, the story is the same. From **Koraput to Keonjhar, Jharkhand to Chhattisgarh,** the green belts are shrinking under the weight of machines and mines. Streams that once sang now run dry or red with iron. Villagers migrate, animals vanish, and what remains is silence — the silence of a broken balance.




**The Forgotten Wisdom**

Our ancestors understood something we have forgotten — that the forest is not outside us, it is within us. "The Upanishads called trees Vanaspati, the lords of the forest, symbolizing patience and giving. The Rig Veda reverently said:

**वनं न हन्यत्**— "Let no one destroy the forest.

In ancient India, no temple was complete without a sacred grove, no ritual without water from a river, and no village without a cluster of trees. The forest was a part of civilization — not its obstacle.

But today, in the name of civilization, we destroy the very foundation that sustained it. We build skyscrapers but forget that a single mature tree provides cooling equal to ten air-conditioners. We plan "smart cities," yet uproot the wisdom of **smart nature.**

**The Way Forward**

Sustainability is not a slogan; it's survival. Development must evolve into **eco-development —** where mining, industry, and urban growth coexist with green responsibility.

-Every tree felled must be replaced not by one, but by many.

-Every mining lease should include a **reclamation and reforestation plan.**

-Local communities — the forest dwellers — should be made **partners, not victims,** of progress.

Technology must serve ecology, not destroy it. Green audits, renewable energy, and stricter environmental clearances are not barriers to development — they are the blueprints of a livable future.

**A Final Thought**

If trees could scream, we might hesitate before cutting them. But even in their silence, they are pleading — "Don't turn your home into a desert.

Forests don't need us to survive. We need them. And if the forests fall silent, soon — humanity will too.

Science Communicator,
Environmentalist, Author and Visionary
Founder and Working Director, TRUST
Scientific Officer, Indian Climate Congress
Ph. 8249775817
Email: nihar.acharya1973@gmail.com






## ଛତିଶଗଡ଼ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସ୍ୱାମୀ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ନିଖୋଜ ଥିବାରୁ ସ୍ତ୍ରୀ ପେନସନ ପାଇବେ






**ରାୟପୁର (ଭିଓଭି):** ଛତିଶଗଡ଼ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶ ଅନୁଯାୟୀ ଜଣେ ସ୍ତ୍ରୀଙ୍କୁ ୭ ବର୍ଷ ଧରି ନିଖୋଜ ଥିବା ତାଙ୍କ ସ୍ୱାମୀଙ୍କ ପେନସନ କେନ୍ଦ୍ର ସରକାରଙ୍କ ହାରରେ ପ୍ରଦାନ କରାଯାଇଛି । ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ବିକାଶ ନାମକ ଜଣେ ବରିଷ୍ଠ ଟେକ୍ନିସିଆନ୍ ସାତ ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ । ନିଯୁକ୍ତିଦାତା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସତ୍ତ୍ୱେ, ଭାରତୀୟ ପ୍ରମାଣ ଆଇନ ଅନୁଯାୟୀ ମୃତ୍ୟୁର ଅନୁମାନ ଉପରେ ଆଧାର କରି କୋର୍ଟ ପତ୍ନୀଙ୍କ ପେନସନ ସମେତ ସମସ୍ତ ସେବା ସୁବିଧା ପାଇବାକୁ ସମର୍ଥନ କରିଛନ୍ତି ।

ସ୍ୱାମୀ ସାତ ବର୍ଷରୁ ଅଧିକ ସମୟ ଧରି ନିଖୋଜ ଥିବାରୁ ସିସିଏସ ନିୟମ ଅନୁଯାୟୀ ପତ୍ନୀଙ୍କୁ କେନ୍ଦ୍ର ସରକାରଙ୍କ ପେନସନ ମିଳିବ ବୋଲି ଛତିଶଗଡ଼ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି ।

ବିକାଶଙ୍କୁ ୪୯ ବର୍ଷ ବୟସ ହୋଇଥିଲା ବେଳେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆରମ୍ଭ ହୋଇଥିଲା ଏବଂ ସେ ନିଖୋଜ ହୋଇଯାଇଥିଲେ । ସେ ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍) ଅଧୀନରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ (ବିଏସପି)ରେ ଜଣେ ବରିଷ୍ଠ ଟେକ୍ନିସିଆନ୍ (ବୈଦ୍ୟୁତିକ) ଭାବରେ କାର୍ଯ୍ୟ କରୁଥିଲେ । ସେ ନିଖୋଜ ହେବା ପରେ, ବହୁତ ଦିନ ଧରି କାମରେ ଅନୁପସ୍ଥିତ ଥିଲେ । ତାଙ୍କ ସ୍ତ୍ରୀ ୧୪ ଜାନୁଆରୀ ୨୦୧୦ରେ ପୁଲିସରେ ଏକ ଏଫଆଇଆର ଦାଏର କରିଥିଲେ ଏବଂ ୧୮ ଫେବ୍ରୁଆରି ୨୦୧୦ରେ ସ୍ଥାନୀୟ ଖବରକାଗଜରେ ତାଙ୍କ ନିଖୋଜ ସ୍ୱାମୀଙ୍କ ବିଷୟରେ ଏକ ବିଜ୍ଞାପନ ମଧ୍ୟ ଦେଇଥିଲେ ।

ଏହା ପରେ, ରାଜହରା ପୁଲିସ ଷ୍ଟେସନର ଷ୍ଟେସନ ହାଉସ୍ ଅଫିସର ତାଙ୍କ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ବିଏସ୍‌ପି (ନିଯୁକ୍ତିଦାତା)ର ମହାପ୍ରବନ୍ଧକଙ୍କୁ ସୂଚିତ କରିଥିଲେ । କିନ୍ତୁ, ବିଏସ୍‌ପି (ନିଯୁକ୍ତିଦାତା) ବିକାଶ (ସ୍ୱାମୀ)ଙ୍କ ନିଖୋଜ ସ୍ଥିତିକୁ ଅଣଦେଖା କରି ୧୧ ଡିସେମ୍ବର ୨୦୧୦ରେ ତାଙ୍କ ବିରୋଧରେ ଏକ ଚାର୍ଜସିଟ୍ ଜାରି କରିଥିଲେ । ଯାହାକୁ ତାଙ୍କ ସ୍ଥାନୀୟ ଏବଂ ସ୍ଥାୟୀ ଠିକଣା ଉଭୟକୁ ପଠାଇ ଦେଇଥିଲେ । କିନ୍ତୁ ସେ ନିଖୋଜ ଥିବାରୁ ଏଗୁଡ଼ିକୁ ଫେରାଇ ଦିଆଯାଇଥିଲା ।

ତଦନ୍ତ କମିଟି ସମ୍ମୁଖରେ ଶୁଣାଣି ପାଇଁ ବିଏସ୍‌ପି ନୋଟିସ୍ ବୋର୍ଡରେ ନୋଟିସ୍ ମଧ୍ୟ ଲଗାଯାଇଥିଲା । ସେମାନେ ଏକପାଖିଆ ପ୍ରକ୍ରିୟା ସହିତ ଆଗକୁ ବଢ଼ିଥିଲେ ଏବଂ ୧୨ ମଇ, ୨୦୧୧ରେ ତଦନ୍ତ ଅଧିକାରୀ ଏକ ଏକପାଖିଆ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ । ଶେଷରେ, ବିଏସପିର ଶୃଙ୍ଖଳାଗତ କର୍ତ୍ତୃପକ୍ଷ ୧୭ ସେପ୍ଟେମ୍ବର ୨୦୧୧ରେ ବିକାଶଙ୍କୁ ଚାକିରିରୁ ବହିଷ୍କାର କରିବା ଏବଂ ଏକ ମାସେ ମଧ୍ୟରେ କମ୍ପାନି କ୍ୱାର୍ଟର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ବିରୁଦ୍ଧରେ ଏକ ରିଟ୍ ପିଟିସନ୍ ଦାଏର କରାଯାଇଥିଲା, ଯାହାକୁ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା ।

ଶେଷରେ, କ୍ୟାଟ୍ ସ୍ଥାନାନ୍ତରିତ ଆବେଦନକୁ ଗ୍ରହଣ କରି ସ୍ୱାମୀଙ୍କୁ ଚାକିରିରୁ ବହିଷ୍କାର କରିବା ଆଦେଶକୁ ଖାରଜ କରିଦେଇ କହିଥିଲେ ଯେ, ବିକାଶଙ୍କ ନିଖୋଜ ସ୍ଥିତି ବିଷୟରେ ବିଏସ୍‌ପିକୁ ଅବଗତ କରାଯାଇଥିଲା, କିନ୍ତୁ ସେମାନେ ଏହାକୁ ଅଣଦେଖା କରି ତାଙ୍କ ବିରୁଦ୍ଧରେ ଏକ ବିଭାଗୀୟ ତଦନ୍ତ କରିବାକୁ ବାଛିଥିଲେ ଏବଂ ତାଙ୍କୁ ନୋଟିସ୍ ବୋର୍ଡରେ ପୋଷ୍ଟ କରିବା ସହିତ ନୋଟିସ୍ ପ୍ରଦାନ କରିବାକୁ ଚେଷ୍ଟା କରିଥିଲେ ।




କ୍ୟାଟ୍ ଏହି ଅଗ୍ରାହ୍ୟ ଆଦେଶ ଦ୍ୱାରା, ବିଏସ୍‌ପି କର୍ମଚାରୀ ଥିବା ସ୍ୱାମୀଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା ପାଇଁ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲା । ଏହା ବିଏସ୍‌ପିକୁ ନିର୍ଦ୍ଦେଶ ଦେଇଥିଲା ଯେ, ଆଦେଶର ସୂଚନା ମିଳିବା ତାରିଖରୁ ତିନି ମାସ ମଧ୍ୟରେ ସ୍ତ୍ରୀଙ୍କୁ ସମସ୍ତ ପରିଣାମସ୍ୱରୂପ ସୁବିଧା ପ୍ରଦାନ କରିବା ତଥା ସ୍ତ୍ରୀ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ କମ୍ପାନିର କ୍ୱାର୍ଟରରୁ ବାହାର ନକରିବା ଆବଶ୍ୟକ । ଜବାବରେ, ସେଲ୍/ବିଏସ୍‌ପି ଭିଲାଇ କ୍ୟାଟ୍ ରାୟ ବିରୁଦ୍ଧରେ ଛତିଶଗଡ଼ ହାଇକୋର୍ଟରେ ଆବେଦନ କରିଥିଲେ ।

୨୨ ସେପ୍ଟେମ୍ବର, ୨୦୨୫ରେ, ଛତିଶଗଡ଼ ହାଇକୋର୍ଟ ପତ୍ନୀଙ୍କ ସପକ୍ଷରେ ରାୟ ଦେଇଥିଲେ । ଛତିଶଗଡ଼ ହାଇକୋର୍ଟ କହିଥିଲେ ଯେ, ୧୪ ଜାନୁଆରୀ, ୨୦୧୦ ଠାରୁ ତାଙ୍କ ସ୍ୱାମୀ ନିଖୋଜ ଥିବାରୁ ପତ୍ନୀଙ୍କୁ ପରିଣାମସ୍ୱରୂପ ଲାଭ ପ୍ରଦାନ କରିବାରେ କ୍ୟାଟ୍ କୌଣସି ଆଇନଗତ ତ୍ରୁଟି କରିନାହିଁ । ଫଳସ୍ୱରୂପ, ସେ ଏବେ କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ୍ ପେନସନ୍ ସମେତ ସମସ୍ତ ସେବା ସମ୍ବନ୍ଧୀୟ ସୁବିଧା ପାଇବାକୁ ହକ୍‌ଦାର ।

ଛତିଶଗଡ଼ ହାଇକୋର୍ଟର ବିଚାରପତି ସଞ୍ଜୟ କେ. ଅଗ୍ରୱାଲ ଏବଂ ବିଚାରପତି ରାଧାକିଶନ ଅଗ୍ରୱାଲ କହିଛନ୍ତି ଯେ, ବିଚାର ପାଇଁ ପ୍ରଶ୍ନ ହେବ ଯେ, ଭାରତୀୟ ପ୍ରମାଣ ଆଇନ, ୧୮୭୨ର ଧାରା ୧୦୮ ଅନୁଯାୟୀ ସିଭିଲ କୋର୍ଟ ଦ୍ୱାରା ଘୋଷଣା ଆବଶ୍ୟକ ହେବ କି? ପ୍ରମାଣ ଆଇନର ଧାରା ୧୦୮ ନିମ୍ନଲିଖିତ ଭାବରେ ଉଲ୍ଲେଖ କରେ: - '୧୦୮- ସେହି ବ୍ୟକ୍ତି ଜୀବିତ ବୋଲି ପ୍ରମାଣ କରିବାର ଦାୟିତ୍ୱ ଯାହାଙ୍କ ବିଷୟରେ ସାତ ବର୍ଷ ଧରି ଶୁଣାଯାଇନାହିଁ । ଯଦି ପ୍ରଶ୍ନ ହୁଏ ଯେ ଜଣେ ବ୍ୟକ୍ତି ଜୀବିତ ଅଛନ୍ତି କି ମୃତ ଏବଂ ଏହା ପ୍ରମାଣିତ ହୁଏ ଯେ ତାଙ୍କ ବିଷୟରେ ସାତ ବର୍ଷ ଧରି ଶୁଣି ନାହାନ୍ତି ଯେଉଁମାନେ ସ୍ୱାଭାବିକ ଭାବରେ ତାଙ୍କ ବିଷୟରେ ଶୁଣିଥାନ୍ତେ ଯଦି ସେ ଜୀବିତ ଥାନ୍ତେ, ତେବେ ସେ ଜୀବିତ ଅଛନ୍ତି ବୋଲି ପ୍ରମାଣ କରିବାର ଭାର ସେହି ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ ହୁଏ ଯିଏ ଏହାକୁ ନିଶ୍ଚିତ କରନ୍ତି ।

ପ୍ରମାଣ ଆଇନର ଧାରା ୧୦୮ ଅନୁଯାୟୀ, ଯଦି କିଛି ସର୍ତ୍ତ ପୂରଣ ହୁଏ, ତେବେ ଜଣେ ବ୍ୟକ୍ତି ମୃତ ବୋଲି ଅନୁମାନ କରାଯାଇପାରିବ, ଯେପରି ଆଇନରେ ଉଲ୍ଲେଖ କରାଯାଇଛି । ଛତିଶଗଡ଼ ହାଇକୋର୍ଟ କହିଛନ୍ତି ଯେ ଏହି ବ୍ୟବସ୍ଥାଗୁଡ଼ିକ ଉପରେ ଆଧାର କରି ଏକ ସ୍ପଷ୍ଟ ନିଷ୍କର୍ଷ ବାହାର କରାଯାଇପାରିବ, ଯାହା ସୂଚାଇ ଦିଏ ଯେ ପ୍ରସଙ୍ଗ ଉତ୍ଥାପିତ ହେବା ସମୟରେ ବ୍ୟକ୍ତିଙ୍କୁ ମୃତ ବୋଲି ଧରି ନିଆଯାଇଥିଲା, ଯଦି ସେହି ସମୟ ପୂର୍ବରୁ କୌଣସି ଯୋଗାଯୋଗ ବିନା ସାତ ବର୍ଷ ଅନୁପସ୍ଥିତ ଥାଆନ୍ତା ।

ରାମରତି କୁଏରରେ ସୁପ୍ରିମକୋର୍ଟ (ଏଆଇଆର୍ ୧୯୬୭ ଏସ୍‌ସି ୧୧୩୪) ଏହି ପ୍ରସ୍ତାବ ରଖିଛନ୍ତି ଯେ ସାତ ବର୍ଷ ଧରି ନିଖୋଜ ଥିବା ବ୍ୟକ୍ତିଙ୍କୁ ମୃତ ବୋଲି ଧରି ନିଆଯିବ ।

ଛତିଶଗଡ଼ ହାଇକୋର୍ଟ କହିଛନ୍ତି ଯେ ନିର୍ଦ୍ଦିଷ୍ଟ ସହାୟତା ଆଇନ, ୧୯୬୩ ର ଧାରା ୩୪ ଅନୁଯାୟୀ ଘୋଷଣା କରାଯାଇଛି ଯେ, ପ୍ରମାଣ ଆଇନର ଧାରା ୧୦୮ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ମୃତ ବୋଲି ଧରି ନିଆଯିବା ଆବଶ୍ୟକ, ଯେଉଁଠାରେ ତଥ୍ୟ ନିଶ୍ଚିତ କିମ୍ବା ନିର୍ବିବାଦୀୟ ।

ଏହି ମାମଲାର ବିଚାର କରି, ସ୍ୱାମୀଙ୍କ ବିଷୟରେ ସାତ ବର୍ଷରୁ ଅଧିକ ସମୟ ଧରି କୌଣସି ବିବାଦ ନାହିଁ, ତେଣୁ ନିର୍ଦ୍ଦିଷ୍ଟ ରିଲିଫ୍ ଆଇନର ଧାରା ୩୪ ଅନୁଯାୟୀ ଘୋଷଣା ଆବଶ୍ୟକ ହେବ ନାହିଁ । ତାରା ଦେବୀ ଏବଂ ଅନ୍ୟ ଏକ ବନାମ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨୦୨୪ ଏସଏସସି ଅନଲାଇନ୍ କ୍ୟାଲ ୫୫୪୯ ମାମଲାରେ କଲିକତା ହାଇକୋର୍ଟଙ୍କ ରାୟକୁ ଉଦ୍ଧୃତ କରି ଛତିଗଡ଼ ହାଇକୋର୍ଟ ଏହି ରାୟ ପ୍ରଦାନ କରିଥିଲେ ।

ଛତିଶଗଡ଼ ହାଇକୋର୍ଟ କହିଛନ୍ତି, ଉପରୋକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ରାମରତି କୁଏରରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଯେହେତୁ ପ୍ରତିପକ୍ଷ ୧ ନମ୍ବରଙ୍କ ସ୍ୱାମୀଙ୍କ ବିଷୟରେ ସାତ ବର୍ଷରୁ ଅଧିକ ସମୟ ଧରି କୌଣସି ଶୁଣାଯାଇ ନାହିଁ, ତାଙ୍କୁ ମୃତ ବୋଲି ଧରିନିଆଯାଉଛି ।

ଛତିଶଗଡ଼ ହାଇକୋର୍ଟ କହିଛନ୍ତି ଯେ, ଏବେ, କ୍ୟାଟ୍ ପୂର୍ବରୁ ପତ୍ନୀଙ୍କ ଆବେଦନ ଦାଖଲ କରିବାର ସ୍ଥାନର ପ୍ରଶ୍ନ ଉଠିବ । ସ୍ୱୀକାର କରିବାକୁ ପଡିବ ଯେ, ପ୍ରତିପକ୍ଷ ନମ୍ବର ୧ ନିଖୋଜ ବିଏସ୍‌ପି ସେବକ (ସ୍ୱାମୀ)ଙ୍କ ପତ୍ନୀ ଏବଂ ସେ ତାଙ୍କ ଜୀବିକା ଏବଂ ତାଙ୍କ ପରିବାର ପାଇଁ ବିଏସ୍‌ପି ସେବକଙ୍କ ଉପରେ ନିର୍ଭରଶୀଳ ।

ଛତିଶଗଡ଼ ହାଇକୋର୍ଟ କହିଛନ୍ତି ଯେ ସ୍ପଷ୍ଟ ଭାବରେ, ଏକ ବିଭାଗୀୟ ତଦନ୍ତ ପ୍ରତିଷ୍ଠା ଏବଂ ଫଳସ୍ୱରୂପ ଚାକିରିରୁ ବହିଷ୍କାର ନିଶ୍ଚିତ ଭାବରେ ବିଏସ୍‌ପି କର୍ମଚାରୀଙ୍କ ପତ୍ନୀଙ୍କ ଜୀବିକା ଉପରେ ପ୍ରଭାବ ପକାଇବ ।

ଏହା ବ୍ୟତୀତ, ଉପରେ ଘୋଷିତ ହୋଇଛି ଯେ, ତାଙ୍କ ସ୍ୱାମୀ ନିଖୋଜ ଥିଲେ ଏବଂ ପ୍ରମାଣ ଆଇନର ଧାରା ୧୦୮ ଅନୁସାରେ ତାଙ୍କୁ ମୃତ ବୋଲି ଧରି ନିଆଯାଇଛି ।

ଛତିଶଗଡ଼ ହାଇକୋର୍ଟ କହିଛନ୍ତି, ଏହା ଏକ ସ୍ଥାୟୀ ଆଇନ ଯେ, ମାଲିକ ଏବଂ ଚାକରଙ୍କ ସମ୍ପର୍କକୁ ମନଇଚ୍ଛା ଭାବରେ କାଟି ଦିଆଯାଇପାରିବ ନାହିଁ ଏବଂ ଯଦି କୌଣସି ଅସଦାଚରଣର ଉଦାହରଣ ଥାଏ, ତେବେ ଚାର୍ଜସିଟ୍ ଦାଖଲ କରିବା ପରେ ଏବଂ ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ଶୁଣାଣିର ସୁଯୋଗ ଦେବା ପରେ ହିଁ କାର୍ଯ୍ୟ ଶେଷ କରାଯାଇପାରିବ । ତେଣୁ, ପ୍ରତିପକ୍ଷ ନଂ.୧ ଙ୍କର ତାଙ୍କ ସ୍ୱାମୀଙ୍କୁ ଚାକିରିରୁ ବହିଷ୍କାର କରିବା ଉପରେ ପ୍ରଶ୍ନ ଉଠାଇ ବିଏସ୍‌ପି ସମ୍ମୁଖରେ ଆବେଦନ ଦାଖଲ କରିବାର କୌଣସି ଅଧିକାର ନାହିଁ ବୋଲି ଯୁକ୍ତି ପ୍ରତ୍ୟାଖ୍ୟାନ କରାଯାଇଛି ।

ଛତିଶଗଡ଼ ହାଇକୋର୍ଟ ସିସିଏସ୍ (ପେନସନ୍) ନିୟମର ବିଶ୍ଳେଷଣ କରି କହିଛନ୍ତି ଯେ, ଏବେ ପ୍ରଶ୍ନ ହେବ ଯେ, ନିଖୋଜ/ମୃତ ବିଏସ୍‌ପି କର୍ମଚାରୀଙ୍କ ପତ୍ନୀ - ପ୍ରତିପକ୍ଷ ନମ୍ବର ୧ ଙ୍କୁ ପରିଣାମ ସ୍ୱରୂପ ଲାଭ ପ୍ରଦାନ କରିବାରେ ଜ୍ଞାନୀ କ୍ୟାଟ୍ ଯୁକ୍ତିଯୁକ୍ତ କି ?

ଏହି ପରିପ୍ରେକ୍ଷୀରେ, ଜାତୀୟ ପେନସନ ପ୍ରଣାଳୀ ଅଧୀନରେ ଥିବା ନିଖୋଜ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପରିବାରକୁ ସିସିଏସ୍ (ପେନସନ) ନିୟମ କିମ୍ବା ସିସିଏସ୍ (ଇଓପି) ନିୟମ ଅନୁଯାୟୀ ଲାଭ ପ୍ରଦାନ ପାଇଁ ବ୍ୟବସ୍ଥା ବିଷୟ ଅନ୍ତର୍ଗତ ଅଫିସ ମେମୋରାଣ୍ଡମ୍ । ଭାରତ ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ, ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଦ୍ୱାରା ୨୮-୪-୨୦୨୨ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

ଏହି ଦୃଷ୍ଟିରୁ, ବିଜ୍ଞ କ୍ୟାଟ୍ ପ୍ରତିପକ୍ଷ ନମ୍ବର ୧ (ସ୍ତ୍ରୀ)ଙ୍କୁ ପରିଣାମସ୍ୱରୂପ ଲାଭ ପ୍ରଦାନ ନିର୍ଦ୍ଦେଶ ଦେବାରେ କୌଣସି ଆଇନଗତ ତ୍ରୁଟି କରିନାହାଁନ୍ତି । ଯେହେତୁ ପ୍ରତିପକ୍ଷ ନମ୍ବର ୧ଙ୍କ ସ୍ୱାମୀ ୧୪ ଜାନୁଆରି ୨୦୧୦ ଠାରୁ ନିଖୋଜ ଅଛନ୍ତି, ତେଣୁ ପ୍ରତିପକ୍ଷ ନମ୍ବର ୧ଙ୍କୁ ପରିଣାମସ୍ୱରୂପ ସେବା ଲାଭ ପ୍ରଦାନ ଶୀଘ୍ର ଚୂଡ଼ାନ୍ତ କରାଯାଉ । ଆମେ ଏହି ରିଟ୍ ଆବେଦନରେ କୌଣସି ଯୋଗ୍ୟତା ପାଉନାହୁଁ, ଏହା ରହିବା ଉଚିତ, ତେଣୁ ଏହାକୁ ଖାରଜ କରାଯାଉଛି, ପ୍ରତିପକ୍ଷ ନଂ.୧ ଙ୍କ ସ୍ୱାମୀଙ୍କ ସେବା ସୁବିଧାକୁ ଚୂଡ଼ାନ୍ତ କରିବା ପାଇଁ ଆବେଦନକାରୀଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି । ଖର୍ଚ୍ଚ (ଗୁଡ଼ିକ) ସମ୍ପର୍କରେ କୌଣସି ନିର୍ଦ୍ଦେଶ ନାହିଁ ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**